## ସଂକ୍ଷେପରେ

### ଦଉଡ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କେସିଙ୍ଗା,୨୨।୬(ଡୁମେଶର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ଆମ୍ବେଡ଼କର ଛକ ନିକଟ ପାହାଡ଼ ଉପରେ ବସବାସ କରୁଥିବା ତରୁଣ ପୁଞ୍ଜିଙ୍କ ପୁତ୍ର ଅଶୋକ ପୁଞ୍ଜି(୩୨) ଶନିବାର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଅଶୋକ ସ୍ଥାନୀୟ ଏନ୍‌ଏସି ସମ୍ମୁଖରେ ଗୋଟିଏ ଛୋଟ ଜଳଖିଆ ଦୋକାନ କରି ସୁରୁଖୁରୁରେ ଚଳୁଥିଲେ। ଦୁଇଦିନ ତଳେ କୌଣସି କଥାକୁ ନେଇ ଘରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ତାଙ୍କ ସ୍ତ୍ରୀ ୪ବର୍ଷର ଝିଅକୁ ଧରି ବାପଘରକୁ ଚାଲିଯାଇଥିଲେ। ପାଟିତୁଣ୍ଡ ହୋଇଥିବା ଶୁଣି ଅଶୋକଙ୍କ ଭଉଣୀ ଶନିବାର ସକାଳୁ କେସିଙ୍ଗା ଆସି ଭାଇ ଶୋଇଥିବା କୋଠରୀକୁ ଯିବାବେଳକୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

### ସ୍ୱାମୀ ମାଡ଼ ମାରିବା ଘଟଣା: ଚିକିତ୍ସାଧୀନ ସ୍ତ୍ରୀଙ୍କ ମୃତ୍ୟୁ

**ଖଡ଼ିଆଳ,୨୨।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ସ୍ୱାମୀଙ୍କ ମାଡ଼ରେ ଆହତ ସ୍ତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନାକ୍ରମେ ଜୁନ ୧୬ରେ ଗ୍ରାମର ଦାମୋଦର ପଟେଲ (୫୬) ଓ ସ୍ତ୍ରୀ ସଂଯୁକ୍ତା ପଟେଲ (୫୪)ଙ୍କ ମଧ୍ୟରେ ପାରିବାରିକ କଳହ ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦାମୋଦର ତାଙ୍କ ସ୍ତ୍ରୀ ସଂଯୁକ୍ତାଙ୍କ ମୁଣ୍ଡକୁ ଲୁହା ପାଇପରେ ବାଡେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଡ଼ିଆଳ ମିଶନ ହସ୍ପିଟାଲ ଓ ପରେ ରାୟପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟ ଘଟିଛି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦାମୋଦରଙ୍କ ଦ୍ୱିତୀୟ ପୁତ୍ର ମୁକେଶ ପଟେଲଙ୍କ ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗ ପ୍ରକାଶ କରିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦାଦନ ଶ୍ରମିକ ମୃତ

**ନୂଆପଡ଼ା,୨୨।୬ (ମକାରୁ ବେମାଲ):** ବେଙ୍ଗାଲୁରୁ କାମ କରିବାକୁ ଯାଇଥିବା ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡା ଗାଁ ମହାଲିଙ୍ଗ ପଡାର ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସେ ହେଲେ ବଳବ ଶବର (୨୬)। ସୂଚନାନୁଯାୟୀ ବଳବ ପ୍ରାୟ ୬ମାସ ହେବ ବେଙ୍ଗାଲୁରୁ ଯାଇ ଏକ ବଗିଚାରେ କାମ କରୁଥିଲେ। ବୁଲାଗୋରୁ ନ ପଶିବା ପାଇଁ ବଗିଚା ଚତୁଃପାର୍ଶ୍ୱରେ ବିଦ୍ୟୁତ୍ ତାର ବାଡ ଦିଆଯାଇଛି। ବଳବ ପାଣି ଦେବା ସମୟରେ ଗୋଡ ଖସିଯାଇ ତାର ବାଡ ଉପରେ ପଡି ଯାଇଥିଲେ। ସେ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ବଗିଚା ମାଲିକ ତାଙ୍କୁ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବଗିଚା ମାଲିକ ଟିକ୍ରାପଡା ଗାଁକୁ ଏକ ଆମ୍ବୁଲାନ୍ସ ଯୋଗେ ପଠାଇଛନ୍ତି। ମୃତଦେହ ରାତି ସୁଦ୍ଧା ନିଜ ଗାଁରେ ପହଂଚିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।







ଏମ୍.ରାମପୁର, ରିଷିଡ଼ା, କୋକସରାଠାରେ ଶ୍ରୀଜୀଉଙ୍କ ସ୍ନାନ ନୀତି କରାଯାଉଛି।

# ସୁବାସିତ ଜଳରେ ସ୍ନାନ କଲେ ମହାବାହୁ

**ଏମ. ରାମପୁର,୨୨।୬(ଶଶି ଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ଏମ. ରାମପୁର ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ ପରିବାରର ବୁଧେନ୍ଦ୍ର ପ୍ରତାପ ସିଂଦେଓ, ମନ୍ଦିର ପୂଜକ ଅଶୋକ ତ୍ରିପାଠୀ, ପୁରୋହିତ ତ୍ରିଲୋଚନ ଦାଶ, ମାନସ ଦାଶ ପ୍ରମୁଖ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମନ୍ଦିରରୁ ସ୍ନାନବେଦୀକୁ ଆଣି ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସ୍ନାନ, ଅଙ୍ଗ ପରିଧାନ, ଧୂପ, ଦୀପ, ନୈବେଦ୍ୟ, ଭୋଗାର୍ପଣ, ଦର୍ଶନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ କୁଟିଆ ସାହୁ ପରିବାରରୁ ଜଗନ୍ନାଥ ସାହୁ, ଶିବ ସାହୁ, ପ୍ରକାଶ ସାହୁ ସହଯୋଗ କରିଥିଲେ। **ରିଷିଡା (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା, ତେରେସିହା, ଗଜବାହଲ ପୌରକେଲା, ରାଜପୁର, ରେଗେଡାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସ୍ନାନ ପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନ ବିଧି ଅନୁଷ୍ଠିତ ହୋଇଯାଇଛି। ଠାକୁରମାନଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯିବା ପରେ ପୁରୋହିତ ପୂଜା ନୀତି ଆରମ୍ଭ କରିଥିଲେ। ପୂଜକମାନେ ୧୦୮ ଢାଳ ସୁବାସିତ ଜଳରେ ଠାକୁରମାନଙ୍କୁ ସ୍ନାନ କରାଇବା ପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ହାତୀ ବେଶ କରାଯାଇଥିଲା। ସେହିପରି ରିଷିଡା ଜଗନ୍ନାଥ ମନ୍ଦିରରେ ପୂଜକ ମଧୁ ଦାସ, ଅଶୋକ ତ୍ରିପାଠୀ ପୂଜାକାର୍ଯ୍ୟ ତୁଲାଇଥିଲେ। **କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତି ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପୂଜକ ଭାରତ ଭୂଷଣ ଷଡ଼ଙ୍ଗୀ ପୂଜା କରିବା ସହ ମହାପ୍ରଭୁଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଇଥିଲେ। କର୍ତ୍ତା ଭାବେ ସୂର୍ଯ୍ୟମଣି ସାହୁ, ସୁରେନ୍ଦ୍ର ଭୋଇ, ଆର୍ତ୍ତ ସାହୁ, ସୈଲ୍ୟରଥି ସାହୁ, ସଭାପତି କୌତୁକ ସାହୁ, ସମ୍ପାଦକ ଗୋପମଣୀ ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। **କୋକସରା (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ଜଗତର ନାଥ ଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା।



ନୂଆପଡ଼ାଠାରେ ମହାପ୍ରଭୁଙ୍କ ମହାସ୍ନାନ।

ମନ୍ଦିର ପୂଜକ ପ୍ରଦୀପ୍ତ ପାଙ୍ଗଯୋଷୀ ଓ ଘନଶ୍ୟାମ ଶର୍ମା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା ପରେ ସ୍ନାନ ବେଦୀରେ ସୁବାସିତ ଜଳରେ ସ୍ନାନ କରାଇଛନ୍ତି। ପରେ ମହାପ୍ରଭୁ ଅଣସର ଘରକୁ ବିଜେ କରିଥିଲେ। ଆସନ୍ତା ୭ ତାରିଖରେ ଶ୍ରୀ ଜୀଉଙ୍କ ନେତ୍ରୋତ୍ସବ, ନବଯୌବନ ବେଶ, ଶ୍ରୀ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଲାଭ କରିଛନ୍ତି। ବ୍ଲକର ଲଡୁଗାଁ, କାଉଡୋଲା, ଆମପାଣି, ଛିଲିପାମାଲ, ଟେମରା ଜଗନ୍ନାଥ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। **ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ମୁଖ୍ୟାଳୟ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଅସ୍ଥାୟୀ ଜଗନ୍ନାଥ ମନ୍ଦିରଠାରୁ ଠାକୁରମାନଙ୍କୁ ପହଣ୍ଡିକରି ସ୍ନାନମଣ୍ଡପକୁ ଅଣାଯିବା ପରେ ପୂଜକ ଚିନ୍ମୟ କୁମାର ମୁଣ୍ଡ ଓ ପୂଜକ ଆଲୋକ ରଞ୍ଜନ ମୁଣ୍ଡ ପୂଜାନୀତି ଆରମ୍ଭ କରିଥିଲେ। ପୂଜକମାନେ ୧୦୮ ଢାଳ ସୁବାସିତ ଜଳରେ ଠାକୁରମାନଙ୍କୁ ସ୍ନାନ କରାଇଥିଲେ। ଅବକାଶ ନୀତି ଓ ଆଳତି ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଥିଲେ। **ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳରେ ଦଧିବାମନ, ପତିତପାବନ ଓ ବାମନ ରୂପେ ତିନିଠାକୁର ତିନିଗୋଟି ସ୍ୱତନ୍ତ୍ର ମନ୍ଦିରରେ ପୂଜାପାଇଥାନ୍ତି। ତିନି ମନ୍ଦିର ପରିସର ସ୍ନାନମଣ୍ଡପରେ ଠାକୁରଙ୍କ ଦେବସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ମଝିଆଗୁଡ଼ିରେ ଦୁଇ ଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି। ସେବାୟତମାନେ ଠାକୁରଙ୍କୁ ସ୍ନାନ କରାଇ ନୂତନ ବେଶରେ ସୁସଜ୍ଜିତ କରିଛନ୍ତି। ସେହିପରି ଖୋଲପଥର ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିରରେ ୪ ଦିଅଁଙ୍କ ସ୍ନାନୋତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠାତା ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ମଞ୍ଜୁଳା ମହାପାତ୍ର କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିର ପୂଜକ ହେମନ୍ତ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ। ସେହିପରି ଖଡ଼ିଆଳ ବ୍ଲକ୍ ଡୁକଲା ଶ୍ରୀଜଗନ୍ନାଥ ମନ୍ଦିର, ମାଲପଡ଼ା ଶ୍ରୀଜଗନ୍ନାଥ ମନ୍ଦିର, ଖଡ଼ିଆଳ ବ୍ଲକ୍ ଦୋହେଲପଡ଼ା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦିବ୍ୟ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡ଼ା ଜିଲା ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ସମେତ ଖଡିଆଳ, କୋମନା, ସିନାପାଲି, ବୋଡେନ ଅଞ୍ଚଳରେ ଥିବା ସମସ୍ତ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ସହ ଗଜାନନ ବେଶ ଅନୁଷ୍ଠିତ ହୋଇଛି। ସକାଳ ଆଳତି ପରେ ଚତୁର୍ଦ୍ଧା ମୂର୍ତିଙ୍କୁ ପରମ୍ପରା ଅନୁଯାୟୀ ଗୋଟି ପହଣ୍ଡିରେ ସ୍ନାନ ବେଦୀକୁ ଆଣାଯାଇଥିଲା। ବିଧି ମୁତାବକ ପୂଜା ପରେ ସୁବାସିତ ଅଭିମନ୍ତ୍ରିତ ଜଳରେ ଶ୍ରୀବିଗ୍ରହମାନଙ୍କୁ ୧୦୮ ଗରା ଜଳରେ ମହାସ୍ନାନ କରାଯାଇଥିଲା। ଅପରାହ୍ନରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା।ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଅଣସର ଘରେ ବିଜେ କରାଯାଇଥିବା ବେଳେ ଆସନ୍ତା ନେତ୍ରୋତ୍ସବ ପର୍ଯ୍ୟନ୍ତ ଗୁପ୍ତ ସେବାନୀତି କରାଯିବ ବୋଲି ଜଗନ୍ନାଥ ମନ୍ଦିର କମିଟି ପରଫରୁ ସୂଚନା ମିଳିଛି।

## ଜେଞ୍ଜରା ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା,୨୨।୬ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ବୁଢ଼ିପାଲି ପଞ୍ଚାୟତ ଜେଞ୍ଜରା ଗାଁରେ ଥିବା କୋଠ ଜମିରେ ଜଣେ ବ୍ୟକ୍ତି ଜୋର ଜବରଦସ୍ତ ଘର ତିଆରି କରୁଥିବାରୁ ଏହାକୁ ବିରୋଧକରି ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ ହେମକାନ୍ତ ସାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ଜେଞ୍ଜରା ଗାଁରେ ଗୋବର୍ଦ୍ଧନ ମଇଦାନ ନାମରେ ଏକ ଜାଗା ରହିଛି। ଏହାକୁ ଗାଁର କୋଠଜମି ବୋଲି କୁହାଯାଏ। ସେଠାରେ ଗ୍ରାମର ସାର୍ବଜନୀନ ପୂଜାପାଠ ହୋଇଥାଏ। କିନ୍ତୁ ଗାଁର ଜଣେ ବ୍ୟକ୍ତି ଉକ୍ତ ଜମି ଉପରେ ଘର ନିର୍ମାଣ କରୁଛନ୍ତି। ଏହାଦ୍ୱାରା ଗ୍ରାମବାସୀ ସାର୍ବଜନୀନ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବୁଢ଼ିପାଲି ସରପଞ୍ଚ ବୋଧନ କୁମାର ସାହୁ, ସମିତି ସଭ୍ୟା କୁନ୍ତି ସାହୁ, ସୁବାସ ସାହୁ, ପଵନ କୁମାର ପଟେଲଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ଶ୍ରୀରାମକୃଷ୍ଣ ଆଶ୍ରମ ପ୍ରତିଷ୍ଠା ଦିବସ

**ଏମ. ରାମପୁର,୨୨।୬(ଶଶି ଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲା ଏମ. ରାମପୁର ସହର ସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମର ୩୨ତମ ପ୍ରତିଷ୍ଠା ଦିବସ ଓ ପ୍ରଭୁ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ହୋମଯଜ୍ଞ ପରେ ପୂର୍ବାହ୍ନ ୧୧ଟାରେ ଆଧ୍ୟାତ୍ମିକ ହୋଇଥିଲା। ଆଶ୍ରମ ସମ୍ପାଦକ ଆଶୋକାନନ୍ଦ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ. ରାମପୁର ବିଡିଓ ସବ୍ୟସାଚୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ବିଜ୍ଞାନ ଯୁଗରେ କଳା, ସଂସ୍କୃତି, ଆଧ୍ୟାତ୍ମିକ ଆଦି ସମାହାରରେ ସଭ୍ୟତା ପରିମାର୍ଜିତ ହେବ ବୋଲି କହିଥିଲେ। ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ ଆଶ୍ରମର ୩୨ବର୍ଷ ସଫଳ ଯାତ୍ରା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଆଶ୍ରମ କର୍ମୀ ଜି. ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ପ୍ରଭୁ ଜଗନ୍ନାଥଙ୍କୁ ସ୍ୱତନ୍ତ୍ର ପୂଜା କରିବା ସହିତ ଶ୍ରୀରାମକୃଷ୍ଣ, ମା' ସାରଦା, ସ୍ୱାମୀ ବିବେକାନନ୍ଦଙ୍କ ପୂଜନ, ବନ୍ଦନା କରାଯାଇଥିଲା।

## ନିୟମିତ ଯୋଗ କରିବାକୁ ଶପଥ

**ଭବାନୀପାଟଣା,୨୨।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପାର୍କରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଏକାଡେମିକ ଇନ୍‌ଚାର୍ଯ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ,ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସୁସ୍ଥ ତଥା ନିରାମୟ ଜୀବନ ପାଇଁ ଯୋଗର ଆବଶ୍ୟକତା ଉପରେ ନିର୍ଦ୍ଦେଶକ ଗୁରୁତ୍ୱ ପ୍ରଦାନ କରିଥିଲେ। ଆରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ଯୋଗ ଶିକ୍ଷକ ମୋହିତ କୁମାର ଆଚାର୍ଯ୍ୟଙ୍କ ସହଯୋଗରେ ସାମୂହିକ ଯୋଗ ପ୍ରଣାୟମ କରାଯାଇଥିଲା। ଯୋଗ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ଆସୁଥିବାରୁ ନିୟମିତ ଯୋଗ କରିବାକୁ ସମସ୍ତେ ଶପଥ ନେଇଥିଲେ।



ବିକାଶ ଅନୁଷ୍ଠାନ ପାର୍କରେ ଯୋଗାଭ୍ୟାସ କରାଯାଉଛି।

## ହିଲ୍ ଟାଉନ ସିଭିଲ ସୋସାଇଟିର ପ୍ରତିଷ୍ଠା ଦିବସ

**ଭବାନୀପାଟଣା,୨୨।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ହିଲ ଟାଉନସ୍ଥିତ ମହାବୀର ହନୁମାନ ମନ୍ଦିର ପରିସରରେ ସ୍ଥାନୀୟ ସିଭିଲ ସୋସାଇଟିର ଦଶମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସୋସାଇଟି ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗାଚାର୍ଯ୍ୟ ଅଶୋକ ମୁଣ୍ଡ, ପ୍ରତିଷ୍ଠାତା ସଭାପତି ବ୍ରହ୍ମାନନ୍ଦ ସାମଲ, ଉପସଭାପତି ଗଣପତି ନାଏକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ଓ ଯୁଗ୍ମ ସମ୍ପାଦକ ଶ୍ରୀନିବାସ ସେନାପତି, ମହିଳା ଶାଖା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୋସାଇଟି ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ଦିନ ଯୋଗ ଦିବସ ପଡୁଥିବାରୁ ମୁଖ୍ୟଅତିଥି ମୁଣ୍ଡ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସୋସାଇଟିର ଉପଦେଷ୍ଟା ପ୍ରଫେସର ରଜନୀକାନ୍ତ ବେହେରା, ବରିଷ୍ଠ ସଦସ୍ୟ ଟଙ୍କଧର ସାହୁ, ଅଶୋକ ପଟ୍ଟନାୟକ, ରାହାସ ମୁଣ୍ଡ, ଅଶୋକ ରାଉତ, ଜ୍ୟୋତ୍ସ୍ନା ମହାପାତ୍ର ପ୍ରମୁଖ ସୋସାଇଟିର କାର୍ଯ୍ୟଧାରା ଉପରେ ମତ ରଖିଥିଲେ।

## ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରାଯିବ

### ନୂତନ ଗଣଶିକ୍ଷା ମନ୍ତ୍ରୀଙ୍କୁ କେସିଙ୍ଗାରେ ଭବ୍ୟ ସ୍ୱାଗତ

**କେସିଙ୍ଗା,୨୨।୬(ଡୁମେଶର ସାହୁ)**

ଓଡ଼ିଶା ସରକାରଙ୍କ ନୂତନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶନିବାର ନବରଙ୍ଗପୁରରୁ ଭୁବନେଶ୍ୱର ଯିବା ବାଟରେ କେସିଙ୍ଗାଠାରେ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କେସିଙ୍ଗା ଏନ୍‌ଏସି ସଭାଗୃହଠାରେ ମନ୍ତ୍ରୀଙ୍କୁ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦର୍ ଓ ଗୋଷ୍ଠି ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ସମେତ ଅଞ୍ଚଳର ଶିକ୍ଷକମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭିନ୍ନ ସମସ୍ୟା ଜଣାଇଥିଲେ। ଏ ସମ୍ପର୍କରେ ଖବରଦାତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶିକ୍ଷକମାନଙ୍କ ଯାହା ବି ସମସ୍ୟା ଅଛି ତାହାକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ପରେ ମନ୍ତ୍ରୀ ଭାଜପା ନେତୃବୃନ୍ଦଙ୍କ ସହିତ କେସିଙ୍ଗାର ସର୍ବପୁରାତନ ବିଦ୍ୟାପୀଠ ଖେଳପଡିଆ ପରିଦର୍ଶନ କରି ଏହାର ଉନ୍ନତି ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ସନ୍ତୋଷ ଦାସ, ପୂର୍ବତନ ସଭାପତି ସତ୍ୟବ୍ରତ ଦାସ, ପ୍ରତାପ ବାଗ, ଯୁବନେତା ପିଙ୍କୁ ପରିଡ଼ା, କାଉନସିଲର ଧରଣୀଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



କେସିଙ୍ଗା ଏନ୍‌ଏସି ଅଫିସରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଅନ୍ୟମାନେ।

## ଅଧାରୁ ବନ୍ଦ ରହିଲା ବ୍ରିଜ୍ ନିର୍ମାଣ

### ବର୍ଷାଦିନେ ଯିବାଆସିବା ସମସ୍ୟା ଆଶଙ୍କା

**କର୍ଲାମୁଣ୍ଡା,୨୨।୬ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡାଠାରୁ ରିଞ୍ଜା ଯାଇଥିବା ଆର୍‌ଡି ରାସ୍ତାର ସରବରାହ ଜୋରଠାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଟେଣ୍ଡର ଜରିଆରେ ଜନୈକ ଠିକାଦାରଙ୍କ ଦ୍ୱାରା ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଛି। ବର୍ତ୍ତମାନ ବ୍ରିଜ୍‌ର ଗୋଟିଏ ପଟ ଛାତ ପଡିଥିବା ବେଳେ ଅପରପଟ ଛାତ ପକାଇବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହେଇଛି। ଏପରି ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡି) ପତ୍ର ସଂଖ୍ୟା ୧୪୪୫, ତା୨୧।୬।୨୦୨୪ ରିଖରେ ସମ୍ପୃକ୍ତ ଠିକାଦାର ପ୍ରକାଶ କୁମାର ମହାନ୍ତିଙ୍କୁ ବର୍ଷାଋତୁ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ଚିଠି କରିଛନ୍ତି। ଚିଠି ପାଇବା ପରେ ଶନିବାରଠାରୁ ବ୍ରିଜ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ତେବେ ବ୍ରିଜ କାମ ଅଧାରୁ ବନ୍ଦ ହୋଇଯିବାରୁ ଆଗାମୀ ବର୍ଷା ଦିନରେ ଅଞ୍ଚଳବାସୀ ଯିବାଆସିବା ସମସ୍ୟା ହେବ ବୋଲି ଆଶଙ୍କା କରିଛନ୍ତି। ବିଶେଷ କରି ବିଭିନ୍ନ କାମ ପାଇଁ ବ୍ଲକ ମୁଖ୍ୟାଳୟକୁ ଯିବା ମୁସ୍କିଲ ହୋଇପଡିବ ବୋଲି ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ କହିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶୋଷନ କୁଣ୍ଡୁଲୁଙ୍କୁ ପଚାରିବାରୁ ବର୍ଷା ଆରମ୍ଭ ହେଇଥିବାରୁ ବ୍ରିଜର ସ୍ଥାୟିତ୍ୱ ଦୃଷ୍ଟିରୁ ବ୍ରିଜ କାର୍ଯ୍ୟ ବନ୍ଦ କରାଯାଇଛି, ଲୋକଙ୍କ ଗମନାଗମନ ପାଇଁ ଅସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ୨କୋଟି ୭୧ ଲକ୍ଷ ୨୮ ହଜାର ୮ ଶହ ଟଙ୍କା ଅଟକଳ କରାଯାଇଛି। ଏହି କାର୍ଯ୍ୟ ତା୧୦।୦୭।୨୦୨୩ରେ ଆରମ୍ଭ ହୋଇ ତା ୦୯।୦୧।୨୦୨୫ରେ ଶେଷ ହେବାକୁ ଚୁକ୍ତିନାମାରେ ଉଲ୍ଲେଖ ରହିଛି।



ରିଞ୍ଜା ସରବରାହ ଜୋରଠାରେ ଅର୍ଦ୍ଧନିର୍ମିତ ବ୍ରିଜ।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୩୪ ୟୁନିଟ୍ ରକ୍ତ ସଂଗୃହୀତ

**ପାଇକମାଳ,୨୨।୬(ବଡ ଶତପଥୀ):** ରକ୍ତ ଦାନ ଜୀବନ ଦାନ, ରକ୍ତ ଦାନ ମହତ ଦାନ ଏହାକୁ ବ୍ରତ କରି ତଥା ପଦ୍ମପୁର ରକ୍ତ ଭଣ୍ଡାରରେ ଥିବା ରକ୍ତର ଅଭାବ ଦୂର କରିବା ପାଇଁ ବରଗଡ଼ ଜିଲା ପାଇକମାଳ ହେପି ପାଇକମାଳ ଅନୁଷ୍ଠାନ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୋଟ ୩୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ୬ଜଣ ନୂତନ ଭାବେ ରକ୍ତ ଦାନ କରିଥିଲେ। ପଦ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ସଂଗ୍ରାମ କେଶରୀ ମହନ୍ତ ଓ ତାଙ୍କ ସହକର୍ମୀ ଆସି ରକ୍ତ ସଂଗ୍ରହ କରିଥିଲେ। ହେପି ପାଇକମାଳ ଉପଦେଷ୍ଟା କମିଟି ୟୋଗେଶ ଅଗ୍ରୱାଲ, ରୋଷଣ ପାଣିଗ୍ରାହୀ, କୁନ୍ଦନ ପ୍ରଧାନ, ମାନସ ରଞ୍ଜନ ନାୟକ, ସେସଦେବ ରଣା, ରୁଦ୍ରାନନ୍ଦ ସାହୁ ଓ ଶୁଭମ ଶ୍ରୀ ଚନ୍ଦନ ସାଙ୍କ ନେତୃତ୍ୱରେ ଏବଂ ପାଇକମାଳ ଅଞ୍ଚଳବାସୀଙ୍କ ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କିଛି ଦିନ ବ୍ୟବଧାନ ପରେ ପୁଣିଏହି ଭଳି ରକ୍ତ ଦାନ ଶିବିର ଆୟୋଜନ କରାଯିବ ବୋଲି ହେପି ପାଇକମାଳ ସଭାପତି ୟୋଗେଶ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଟ୍ରେନ୍‌ରେ କଟିଥିବା ମୃତକଙ୍କ ପରିବାରକୁ ସରକାରୀ ସହାୟତା



**ବରପାଲି,୨୨।୬(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ଗ୍ରାମର ଜଣେ ୩୫ବର୍ଷିୟ ଯୁବକ ଅନିଲ କୁମ୍ଭାର ଗତ ୧୭ ତାରିଖ ସକାଳ ୭ଟାରେ ଡୁଙ୍ଗୁରିପାଲି ଷ୍ଟେଶନଠାରେ ରେଳରୁ ଓହ୍ଲଉଥିଲା ସମୟରେ ଗୋଡଖସି ଭିତରେ ପଡି ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ଲୋକ ଏବଂ ରେଳ ବିଭାଗ ପୋଲିସଙ୍କ ଦ୍ୱାରା ଡୁଙ୍ଗୁରିପାଲି ସରକାରି ଡାକ୍ତରଖାନାକୁ ଆଣାଯାଇଥିଲା। ଅନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାରଙ୍କ ପକ୍ଷରୁ ସୂଚନା ଯେ, ଅନିଲ ୨ ମାସ ହେବ ବାହା ହୋଇଥିଲେ ଓ ତାଙ୍କ ପରିବାର ଲୋକ ରାଉରକେଲା ଯିବା ପାଇଁ ଡୁଙ୍ଗୁରିପାଲି ରେଲୱେ ଷ୍ଟେଶନକୁ ଛାଡ଼ିବାକୁ ଯାଇଥିଲେ। ପରିବାର ଲୋକଙ୍କୁ ଟ୍ରେନରେ ଚଢାଇ ଓହ୍ଲାଇ ବା ସମୟରେ ଗୋଡ ଖସି ଟ୍ରେନ ଲାଇନ ଭିତରକୁ ପଶି ଯିବାରୁ ଟ୍ରେନ ଚଢ଼ି ଯାଇଥିଲା। ବରପାଲି ତହସିଲଦାର ଖବର ପାଇ ତୁରନ୍ତ ଆଗଲପୁର ଆର୍‌ଆଇଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ବରପାଲି ତହସିଲଦାର ରୁକ୍ମଣ ମେହେର ଆଗଲପୁର ମୃତ ପରିବାର ଘରକୁ ଯାଇ ରେଡକ୍ରସ ପାଣ୍ଠିରୁ ୧୦୦୦୦ ଟଙ୍କା ପ୍ରଦାନ କରିଛନ୍ତି। ଅନୁଦାନ ରାଶି ପ୍ରଦାନ ସମୟରେ ଗ୍ରାମର ଭଦ୍ରବ୍ୟକ୍ତି, ଆଗଲପୁର ଆର୍‌ଆଇ ଓ ସରପଞ୍ଚ ଉପସ୍ଥିତ ଥିଲେ।

# ଦେବସ୍ନାନ ପୂର୍ଣ୍ଣିମା, ପୂଜା ପାଇଲେ ମହାପ୍ରଭୁ




ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବରଗଡ଼ ଜିଲା ଭଟଲିରେ ଦଧିବାମନଙ୍କ ଗଜାନନ ବେଶ। ବରଗଡ଼ କାଳୀ ମନ୍ଦିର ପରିସରରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା।

**ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ଜିଲାର ଭଟଲିସ୍ଥିତ ଦଧିବାମନ ପୀଠରେ ମନ୍ଦିର ସେବକଙ୍କ ଦ୍ୱାରା ଶୁଭ ଶଙ୍ଖନାଦ କରି ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ପହଡ଼ଭଙ୍ଗ ନୀତି, ଦ୍ୱାର ଫିଟା ନୀତି, ମଙ୍ଗଳ ପ୍ରଦୀପ, ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ, ସୂର୍ଯ୍ୟପୂଜା, ଅବକାଶ ନୀତି, ବେଶ ପରିବର୍ତ୍ତନ, ଗୋପାଳ ବଲ୍ଲଭ ଭୋଗ, ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳ ଧୂପ ସମାପନ ହେବା ପରେ ମହାପ୍ରଭୁଙ୍କ ମଙ୍ଗଳାର୍ପଣ କରାଯାଇଥିଲା। ଏହାପରେ ପ୍ରଭୁ ଦଧିବାମନ ରତ୍ନ ସିଂହାସନ ଛାଡ଼ି ମନ୍ଦିରସ୍ଥ ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ସ୍ନାନ ମଣ୍ଡପରେ ମନ୍ଦିର ପୁରୋହିତ, ପଣ୍ଡିତ, ପୂଜକ ଏବଂ ସେବାୟତଙ୍କ ଦ୍ୱାରା ସ୍ନାନପୂଜାର ସମସ୍ତ ନୀତି କରାଯାଇଥିଲା। ପ୍ରଥମେ ଅଭିମନ୍ତ୍ରିତ ହଳଦୀ ଲେପ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଆବିର୍ଭାବ ସ୍ଥଳ ପବିତ୍ର ଚକ୍ରତୀର୍ଥ ଜଳରେ ବିଭିନ୍ନ ତୀର୍ଥକ୍ଷେତ୍ରରୁ ସଂଗୃହୀତ ଜଳକୁ ମିଶ୍ରଣ କରାଯାଇ ଅଧିବାସ ହୋଇ ରହିଥିବା ୧୦୮ଗଡ୍ଡୁ ଅଭିମନ୍ତ୍ରିତ ଜଳରେ ସମପରିମାଣରେ ଚୁଆ, ଚନ୍ଦନ, କର୍ପୂର, ଅଗୁରୁ ପକାଇ ବିଧି ଅନୁଯାୟୀ ମନ୍ଦିର ପୁରୋହିତ ସ୍ନାନ ମଣ୍ଡପକୁ ଜଳ ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କୁ ଉକ୍ତ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଇଥିଲା। ମହାସ୍ନାନ ପରେ ମହପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ସମସ୍ତ ଦୈନିକ ନୀତିକାନ୍ତି ସମାପନ ପରେ ମହାପ୍ରଭୁଙ୍କୁ ଦକ୍ଷିଣ ଦିଗକୁ ମୁଖାରବିନ୍ଦ କରି ବିଭୀଷଣ ବନ୍ଦାପନା କରାଯାଇଥିଲା। ପଣ୍ଡିତ ବାଚସ୍ପତି ରଥ ଏବଂ ଅଂଶୁମାନ ରଥ ପୂଜାର୍ଚ୍ଚନା କରିଥିଲେ। ଗୌନ୍ତିଆ ଅଶୋକ ମିଶ୍ର ମହାପ୍ରଭୁ ଦଧିବାମନଙ୍କ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଏହାକୁ ଦେଖିବା ପାଇଁ ବହୁଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବରଗଡ଼ର ମା' ଶ୍ୟାମାକାଳୀ ମନ୍ଦିର ପରିସରରେ ରହିଥିବା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଥିଲା। ପଣ୍ଡିତ ଅନନ୍ତ ଶତପଥୀ, ହରିରାମ ପଣ୍ଡା, ସତ୍ୟାନନ୍ଦ ଶତପଥୀ, ଆନନ୍ଦ ଷଡ଼ଙ୍ଗୀ, ଅନନ୍ତ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ବରଗଡ଼ ଖଜୁରଟିକ୍ରା ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମାରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ମନ୍ଦିର ପୂଜକ ବଳିଷ୍ଠ ମହାପାତ୍ର ପୂଜାର୍ଚ୍ଚନା କରିଥିବାବେଳେ ସୁରେଶ ଗନ୍ତାୟତ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ।

## ନୃସିଂହନାଥରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ସମ୍ପନ୍ନ

**ପାଇକମାଳ,୨୨।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ୩ ଠାକୁରଙ୍କୁ ମନ୍ଦିରରୁ ଧାଡି ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ୩ଠାକୁରଙ୍କୁ ପୂଜାହୋମ ଯଜ୍ଞ କରି ଅଭିଷେକ ଆଳତି ଭୋଗ ଲାଗି ହୋଇଥିଲା। ପରେ ୧୦୮ କଳସ ପାଣିରେ ଏକ ପିତଳ ହଣ୍ଡାରେ ଭର୍ତ୍ତି କରି ହଳଦୀ, ଅଗୃର, ଚୁଆ ତେଲ, ଚନ୍ଦନ, କର୍ପୁର, ଗଙ୍ଗାଜଳ ଇତ୍ୟାଦି ସୁବାସିତ ଜଳ ମିସାଇ ପ୍ରସ୍ତୁତ କରି ମନ୍ତ୍ର ଉଚ୍ଚାରଣ ସହ ୩ ଠାକୁରଙ୍କୁ ପ୍ରଥମେ ମୁଖ୍ୟ ପୂଜକ ସ୍ନାନ କରାଇଲା ପରେ ଉଭପସ୍ଥିତ ସମସ୍ତ ଭକ୍ତବୃନ୍ଦ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ। ପ୍ରଥମେ ମନ୍ଦିର କର୍ମଚାରୀମାନେ ଓ ପରେ ଉପସ୍ଥିତ ଭକ୍ତମାନେ ସ୍ନାନ କରାଇଥିଲେ। ପଦ୍ମପୁର ଏସଡିପିଓ ବିଭୁତି ଭୁଷଣ ଭୋଇ, ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ କମିଟି ସଭ୍ୟଏମପି ରଥ, ବଡ ଶତପଥୀ, ସୁରଥ ସାହୁ ପ୍ରମୁଖଙ୍କ ସହ ମନ୍ଦିର ସେବାୟତ ସତ୍ୟ ଭୁଷଣ ସାହୁ, ଜେକି ସରାଫ ପ୍ରମୁଖ ଯୋଗଦାନ କରି ତିନି ଠାକୁର ଜଗନ୍ନାଥ, ବଳଭଦ୍ର ଓ ଶୋଭଦ୍ରାଙ୍କୁ ସ୍ନାନ କରାଇଥିଲେ। କୁଳ ପୁରୋହିତ ସୁନିଲ ପୁରୋହିତ, ସତ୍ୟ ପୁରୋହିତ, ପୂଜକ ସିଦ୍ଧାଥ ପୁରୋହିତ, ସୁଜ୍ଞାନ୍ତ ତ୍ରିପାଠୀ, ଆଜାଦ ମାଝି, ମନମିତ ପୁରୋହିତ, ଶୁଭମ ପୂଝାରୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ନାନ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦାନ କରିଥିଲେ।



ପାଇକମାଳ ନୃସିଂହନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ।

## ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର



ଆହତ ବିଦ୍ୟୁତ କର୍ମଚାରୀ।

**ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଜିରାତରା ଫିଡର୍ ଅନ୍ତର୍ଗତ ଗୋପାଳପୁର ଦେଇ ଯାଇଥିବା ବିଦ୍ୟୁତ ଲାଇନ ମରାମତି କରୁଥିବାବେଳେ ଶୁକ୍ରବାର ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀ (ଲାଇନମ୍ୟାନ) ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ନାମ ବିଶ୍ୱମୂର୍ତ୍ତି ପ୍ରଧାନ ବୋଲି ଜଣାପଡ଼ିଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରୁ ଆହତ ବିଶ୍ୱମୂର୍ତ୍ତିଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିବା ଜଣପଡ଼ିଛି। ଆହତ କର୍ମଚାରୀ ଏକ ଠିକାସଂସ୍ଥା ଅଧୀନରେ କାମ କରୁଥିଲେ। ତେବେ ଯେଉଁ ସଂସ୍ଥା ବିଭାଗୀୟ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରୁ ନାହାନ୍ତି, ସେଭଳି ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଉ ବୋଲି ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘର ଯୁଗ୍ମ ସମ୍ପାଦକ ଚକ୍ରଧର ପ୍ରଧାନ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ପ୍ରମୁଖ ବରଗଡ଼ ସର୍କଲରେ ରହିଥିବା ସୁରକ୍ଷା ଅଧିକାରୀଙ୍କଠାରେ ଦାବି କରିଛନ୍ତି।

# ହେମାଳି ମହାସଂଘର ଜିଲାପାଳଙ୍କୁ ଫେରାଦ



ହେମାଳି ମହାସଂଘର ପ୍ରତିନିଧିବୃନ୍ଦ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

**ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)**

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ରହିଥିବା ପଣ୍ୟାଗାରଗୁଡ଼ିକରେ କାର୍ଯ୍ୟରତ ହେମାଳି(ଶ୍ରମିକ)ଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ଶୁକ୍ରବାର ଓଡ଼ିଶା କଳିଙ୍ଗ ଉତ୍କଳ ହେମାଳି ମହାସଂଘ, ବରଗଡ଼ ଜିଲା ଶାଖାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ୬ଦଫା ଦାବି କରାଯାଇଛି ଏବଂ ସେହି ଦାବି ସମୂହ ତୁରନ୍ତ ପୂରଣ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗୋଟିଏ ଜିଲାର ଚାଉଳକୁ ଅନ୍ୟ ଜିଲାର ଗୋଦାମରେ ରଖାଯାଉଛି। ଏଭଳି କରା ନ ଯାଇ ଯେଉଁ ଜିଲାର ଚାଉଳକୁ ସେହି ଜିଲାରେ ରହିଥିବା ଗୋଦାମରେ ରଖାଯାଉ ବୋଲି ମହାସଂଘ ଦାବି କରିଛି। ସେହିପରି ଗୋଦାମକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଉ ଥିବା ଯୋଗୁ ସମସ୍ୟା ଉପୁଜୁଛି। ତାକୁ ବନ୍ଦ କରାଯାଇ ପ୍ରତ୍ୟେକ ଗୋଦାମକୁ ସମାନ ଭାବେ କାମ ଦେବା, ପାଉଣାକୁ ସିଧାସଳଖ ହେମାଳିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା, ଗୋଦାମରେ କାମ କରୁଥିବା ଶ୍ରମିକଙ୍କ ମତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ମୃତ ଶ୍ରମିକଙ୍କ ସ୍ତ୍ରୀଙ୍କୁ ୩୦ ହଜାର ଟଙ୍କାର ପେନସନ, ଶ୍ରମିକଙ୍କ ଝିଅପୁଅଙ୍କୁ ସରକାରୀ ଚାକିରି ପ୍ରଦାନ, ପଣ୍ୟାଗାରରେ ୫ବର୍ଷରୁ ଅଧିକ କାମ କରିଥିବା ଶ୍ରମିକଙ୍କୁ ନିୟମିତ କରାଯିବାକୁ ଦାବି ହୋଇଛି। ମହାସଂଘ ସାଧାରଣ ସମ୍ପାଦକ ମେକେନ୍ଦର ଷଣ୍ଢଙ୍କ ନେତୃତ୍ୱରେ ଶ୍ରମିକମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## କାମରେ ଆସୁନି ମିଶନ ଶକ୍ତି ଗୃହ

### ପାଣିରେ ପଡୁଛି ସରକାରୀ ଟଙ୍କା

**ପଦ୍ମପୁର,୨୨।୬(ପ୍ରଦୀପ୍ତ ଦାଶ)**

ମିଶନଶକ୍ତି ନାମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସହରର ପ୍ରତି ୱାର୍ଡରେ ମିଶନଶକ୍ତି ଭବନ ନିର୍ମାଣ ହୋଇଛି। ବିଧିବଦ୍ଧ ଭାବେ ତାହା ଉଦ୍‌ଘାଟନ ବି ହୋଇଛି। ହେଲେ ଏହି ସବୁ ଗୃହ ଏପର୍ଯ୍ୟନ୍ତ କାମକୁ ଆସୁ ନାହିଁ କିମ୍ବା ଖୋଲା ହେଉନାହିଁ। ଏହା ଦିନକୁ ଦିନ ପରିତ୍ୟକ୍ତ ହେବା ସହିତ ଅନେକ ଗୃହରେ ଅସାମାଜିକ ଆଡ୍ଡା ଜମାଇଲେଣି। ୧୧ୱାର୍ଡ ବିଶିଷ୍ଟ ପଦ୍ମପୁର ଏନଏସିରେ ୱାର୍ଡ ପିଛା ଗୋଟିଏ ମିଶନଶକ୍ତି ଗୃହ ନିର୍ମାଣ ହୋଇଛି। ଏହି ଗୃହଗୁଡିକ ଅନେକ ନିଛାଟିଆ ସ୍ଥାନରେ ନିର୍ମାଣ ହୋଇଛି। ଏହି ଗୃହଗୁଡିକ ଉଦ୍‌ଘାଟନ ପରଠାରୁ କାମରେ ଲାଗୁନି। ଦୀର୍ଘଦିନ ଧରି ଏହା ଅବ୍ୟବୃହତ ରହୁଥିବାରୁ ଏହା ଅସାମାଜିକଙ୍କ ଆଡ୍ଡା ହେଉଛି। ପ୍ରଶାସନ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଗୃହ ସଦୁପଯୋଗ କରିବା ପାଇଁ ମତ ପ୍ରକାଶ ପାଉଛି।



ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ମିଶନ ଶକ୍ତି ଗୃହ।

## ଆବର୍ଜନାରେ ପୋତିହେଲାଣି କେନାଲ



ପଦ୍ମପୁର କ୍ଷୁଦ୍ର ଜଳସେଚନ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ କେନାଲ ଆବର୍ଜନାରେ ଭର୍ତ୍ତି ହୋଇଛି।

**ପଦ୍ମପୁର,୨୨।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହର ଦେଇଯାଇଥିବା ପଦ୍ମପୁର ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଆବର୍ଜନାରେ ପୋତି ହୋଇଯାଇଥିଲେ ମଧ୍ୟ ତାହାକୁ ସଫା କରାଯାଉ ନ ଥିବା ଲକ୍ଷ୍ୟ କରାଯାଉଛି। ଖୋଦ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ଏହି କେନାଲ ଏମିତି ଆବର୍ଜନା ହୋଇଛି ଯେ କହିଲେ ନସରେ। ବର୍ତ୍ତମାନ ବର୍ଷାର ଆଗମନ ହୋଇଛି। ତେବେ ବର୍ଷା ଋତୁ ପୂର୍ବରୁ ଏହି କେନାଲଗୁଡିକ ମରାମତି ତଥା ସଫା କରାଯିବା କଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେଗୁଡିକ ସଫେଇ କିମ୍ବା ମରାମତି କରାଯାଇନାହିଁ। ଫଳରେ ଚାଷୀମାନଙ୍କ ଜଳସେଚନ ପାଇଁ ଅସୁବିଧା ହେବ ବୋଲି ମତ ପ୍ରକାଶ ପାଇଛି। ପଦ୍ମପୁର

### ଅଧିକାରୀ ଜାଣି ଅଜଣା

କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଏମିତି ଅନେକ ମୁଖ୍ୟ କେନାଲ, ଶାଖା କେନାଲଗୁଡିକ ଅଛି। ହେଲେ କେନାଲଗୁଡିକ ଆବର୍ଜନାରେ ପୋତି ହୋଇଥିବାରୁ ଚାଷ ଜମିକୁ ପାଣି ମାଡିବା ସମସ୍ୟା ଦେଖାଦେବ ବୋଲି ଚାଷୀମାନେ କହିଛନ୍ତି। ସେହିପରି ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା କେନାଲରେ ପ୍ଲାଷ୍ଟିକ ବୋତଲ, ଥର୍ମାକୋଲ, ପୋଲିଥିନଗୁଡିକ ପଡି ପରିବେଶ ନଷ୍ଟ ହେଉଛି । ସେହିଭଳି ବହୁ ବର୍ଷ ହେବ ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନାଲ ଜବରଦଖଲ ମଧ୍ୟ ହେଉଛି। ଜଳ ସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚାଷୀ ଦାବି କରିଛନ୍ତି।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ ପଦ୍ମପୁର ଉପଖଣ୍ଡ ଚାଷୀ

**ପଦ୍ମପୁର,୨୨।୬(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ କ୍ରମାଗତ ଭାବେ ବୃଷ୍ଟିପାତ କମିବାରେ ଲାଗିଛି। ଏହା ସହିତ ବିଳମ୍ବିତ ମୌସୁମୀ ଯୋଗୁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏପରିକି ଜୁନରେ ଅନ୍ୟ ବର୍ଷ ତୁଳନାରେ ଏବର୍ଷ ବର୍ଷା ଠପ ହୋଇଛି, ଯାହାକି ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚଳିତ ବର୍ଷ ଜୁନ ୨୨ ତାରିଖ ସୁଦ୍ଧା ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକକରେ ୮ ମି.ମି., ଗାଇସିଲେଟ ବ୍ଲକରେ ୧୧୧ ମି.ମି., ଝାରବନ୍ଧ ବ୍ଲକରେ ୬୯ ମି.ମି., ପଦ୍ମପୁର ବ୍ଲକରେ ୭୯ ମି.ମି., ପାଇକମାଳ ବ୍ଲକ୍‌ରେ ୭୬ ମି.ମି. ଓ ସୋହେଲା ବ୍ଲକରେ ଏପର୍ଯ୍ୟନ୍ତ ବର୍ଷା ହୋଇ ନ ଥିବା ଭାରତୀୟ ପାଣି ପାଗ ବିଭାଗ ସୂତ୍ରରୁ ପ୍ରକାଶ। ୨୦୨୩ ଜୁନ ୨୨ ସୁଦ୍ଧା ବିଜେପୁର ବ୍ଲକରେ ୬୬.୪ ମି.ମି., ଗାଇସିଲେଟରେ ୧୧୪ ମି.ମି., ଝାରବନ୍ଧରେ ୭୭ ମି.ମି., ପଦ୍ମପୁରରେ ୯୨ ମି.ମି., ପାଇକମାଳରେ ୮୫.୩ ମି.ମି. ଓ ସୋହେଲାରେ ୨୦ ମି.ମି. ବର୍ଷା



ପଦ୍ମପୁର ବ୍ଲକ ଦର୍ଲିଗୁଡାରେ ଜଣେ ଚାଷୀ ଧାନ ବୁଣୁଛନ୍ତି।

### ଜୁନ୍‌ରେ କମିଛି ସ୍ୱାଭାବିକ ବୃଷ୍ଟିପାତ

ରେକର୍ଡ କରାଯାଇଥିଲା। ସେହିପରି ୨୦୨୨ ବର୍ଷରେ ବିଜେପୁରରେ ୨୦୨ ମି.ମି., ଗାଇସିଲେଟରେ ୯୭.୨ ମି.ମି., ଝାରବନ୍ଧରେ ୧୩୫.୪ ମି.ମି., ପଦ୍ମପୁରରେ ୧୩୭.୩ ମି.ମି., ପାଇକମାଳରେ ୧୬୩.୩ ମି.ମି. ଓ ସୋହେଲାରେ ୧୩୨ ମି.ମି. ବର୍ଷା ରେକର୍ଡ ହୋଇଥିଲା। ୨୦୨୧ ବର୍ଷରେ ମଧ୍ୟ ଉପଖଣ୍ଡର ୬ଟି ବ୍ଲକରେ ଜୁନ ୨୨ ସୁଦ୍ଧା ୧୫୦ ମି.ମି.ରୁ ଉପରେ ବର୍ଷା ହୋଇଥିଲା। ଖରିଫ ଚାଷ ପାଇଁ ଜୁନରେ ବରଗଡ଼ ଜିଲାରେ ହାରାହାରି ବୃଷ୍ଟିପାତ ୨୪୬.୮ ମି.ମି. ହେବା କଥା। ମାତ୍ର ଏ ପର୍ଯ୍ୟନ୍ତ ହାରାହାରି ବୃଷ୍ଟିପାତରୁ ବହୁତ କମ ହେବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ଅପରପକ୍ଷରେ ପାଣିପାଗ ଆକଳନ ନେଇ ଉପଖଣ୍ଡରେ ଜୁନ ୧୫ ସୁଦ୍ଧା ପ୍ରାୟ ୨୫ ପ୍ରତିଶତ ଜମିରେ ଚାଷୀ ଖରଡ଼ି ଧାନ ବୁଣା କାର୍ଯ୍ୟ ସାରିଦେଇଛି। ମାତ୍ର ବିଳମ୍ବିତ ମୌସୁମୀ ଯୋଗୁ ଧାନ ବୁଣି ସାରିଥିଲେ ମଧ୍ୟ ଚାଷୀ ଭଲ ବର୍ଷାକୁ ଅନେଇ ରହିଛି। ସେହିପରି ନିଅଣ୍ଟିଆ ବର୍ଷା ଯୋଗୁ ଏ ପର୍ଯ୍ୟନ୍ତ ତଳିପକା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ।

# ଗଭୀର ନଳକୂପକୁ ହେଉନି ବିଦ୍ୟୁତ୍ ସଂଯୋଗ

**ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଂସଡ଼ୋଲ ଗ୍ରାମର ଚାଷୀମାନେ ଜମିହିଡ଼ରେ ଖୋଲିଥିବା ଗଭୀର ନଳକୂପରେ ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଚାଷୀମାନେ କହିଛନ୍ତି। ଫଳରେ ଶୁକ୍ରବାର ସମ୍ପୃକ୍ତ ଚାଷୀମାନେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଜମିହିଡ଼ରେ ଖୋଲାଯାଇଥିବା ଗଭୀର ନଳକୂପରେ ବିଦ୍ୟୁତ୍ ସଂଯୋଗ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଗାଇସିଲେଟ ବ୍ଲକ ଅଣଜଳସେଚିତ ହୋଇଥିବା ଯୋଗୁ ସ୍ଥାନୀୟ



ବିଦ୍ୟୁତ୍ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ଚାଷୀମାନେ ବର୍ଷାପାଣି କିମ୍ବା ଉଠାଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପ ଉପରେ ନିର୍ଭର କରିଥାନ୍ତି। ଏହି କ୍ରମରେ ଚାଷୀମାନେ ଗତବର୍ଷ ମେ ମାସରୁ ସେମାନଙ୍କ ଜମିହିଡ଼ରେ ଗଭୀର ନଳକୂପ ଖୋଲିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେଠାକୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ଫଳରେ ଚାଷକାର୍ଯ୍ୟ କରିବା ଆଶା ଉଜୁଡ଼ି ଯାଇଛି। ଅନ୍ୟପଟେ

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ଚାଷୀ

ସେହି ସମାନ ସମୟରେ ପଡ଼ୋଶୀ ଗ୍ରାମରେ ଖୋଲାଯାଇଥିବା ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ହୋଇ ସାରିଥିବା ସମ୍ପୃକ୍ତ ଚାଷୀମାନେ କହିଛନ୍ତି। ସେମାନଙ୍କ ଜମିହିଡ଼ରେ ଖୋଲାଯାଇଥିବା ଗଭୀର ନଳକୂପକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରାଗଲେ ସେମାନେ ଏଥର ଚାଷକାର୍ଯ୍ୟ କରିବେ ବୋଲି ଆଶା ବାନ୍ଧିଛନ୍ତି। ବନବାସ ସରାଫ, ଗୁରୁଗୌତମ ଭୋଇ, ସୂର୍ଯ୍ୟମଣି ସାହୁ, ଯୁଗଳ କିଶୋର ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ରାଉରକେଲା ପ୍ଲାଣ୍ଟ ସାଇଡ୍ ଜଗନ୍ନାଥ ମନ୍ଦିର।


ଉଦିତନଗର ଜଗନ୍ନାଥ ମନ୍ଦିର।


ଉଦିତନଗର ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ।

# ସୁବାସିତ ଜଳରେ ସ୍ନାନ କଲେ ଚତୁର୍ଦ୍ଧାମୂର୍ତ୍ତି


ଜଗନ୍ନାଥଙ୍କ ଗଜାନନ ବେଶ।


ବାସନ୍ତୀକେଲାନୀ ଜଗନ୍ନାଥ ମନ୍ଦିର।


ଜଗନ୍ନାଥଙ୍କ ତୁଳସୀ ବେଶ।

ରାଉରକେଲା,୨୨।୬( ଦୀନେଶ ମିଶ୍ର)

ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଜଗନ୍ନାଥ ଡେଭଲପ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସ୍ନାନପୂର୍ଣ୍ଣିମା ଉତ୍ସବ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ମଧୁସୂଦନ ପଣ୍ଡାଙ୍କ ତତ୍ତ୍ୱବଧାନରେ ପରିଚାଳିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ମଧୁସୂଦନ ପଣ୍ଡା ପ୍ରାତଃ ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଙ୍ଗଳାଆଳତି ଅର୍ପଣ କରିବା ପରେ ସୂର୍ଯ୍ୟପୂଜା, ଗୋପୂଜା, ମନ୍ଦିର ପାର୍ଶ୍ୱଦେବା ଦେବୀ ପୂଜା ସହ ଷୋଡଶ ଉପଚାର ପୂଜା କରିଥିଲେ। ସକାଳ ୯ଟାରେ ରାଜା ଚିତ୍ତରଞ୍ଜନ ରାଉତଙ୍କ ତତ୍ତ୍ୱବଧାନରେ ଛେରା ପହଁରା କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି କରି ନିଆଯାଇଥିଲା। ସେଠାରେ ୧୦୮ ଗରା ସୁବାଶିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ରାତି ସାଢେ ୯ଟାରେ ଅଣସର ଘରକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ କମିଟିର ପ୍ରସନ୍ନ ସେନାପତି, ଗୋପିନାଥ ବିଶ୍ୱାଳ, ପ୍ରଣୟ ନାୟକ, କମଳାକାନ୍ତ ବାରିକ, ପ୍ରିୟବତ ରାଉତ, ସୁମନ୍ତ ନାୟକ, ଉମେଶ ପୋଥାଳ, ରାଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଉଦିତନଗର ସ୍ଥିତ ଜଗନ୍ନାଥ ଚାରିଟ୍ରେବୁଲ ଟ୍ରଷ୍ଟ ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଉଦିତନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶଙ୍କ ତତ୍ତ୍ୱବଧାନରେ ପ୍ରାତଃ ସମୟରେ ସକାଳ ଧୂପ, ଗୋପୂଜା, ସୂର୍ଯ୍ୟପୂଜା, ଚତୁର୍ଦ୍ଧାମୂର୍ତ୍ତିଙ୍କ ଷୋଡଷ ଉପଚାର ପୂଜା କରାଯାଇଥିଲା। ପରେ ମନ୍ଦିର ଦଇତାପତି ବିଜୟ କୁମାର ପ୍ରଧାନ ଛେରାପହଁରା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ନିଆଯାଇଥିଲା। ସ୍ନାନ ମଣ୍ଡପରେ ଜଗନ୍ନାଥଙ୍କୁ ସୁବାଶିତ ଜଳରେ ସ୍ନାନ କରାଯାଇଥିଲା। ସନ୍ଧ୍ୟା ଆଳତୀ ଓ ପ୍ରସାଦ ଲାଗି ନୀତି ପରେ ରାତି ୧୦ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସୂର୍ଯ୍ୟମଣି ବେହେରା, ଦିଲୀପ କର, ଭୁବନାନନ୍ଦ ଦାସ, ସଞ୍ଜୟ ମିସ୍ତ୍ରୀ, ଧ୍ରୁବଚରଣ ମଲ୍ଲ, ରଶ୍ମିରଞ୍ଜନ ଦାସ, ଜିତେନ୍ଦ୍ର ନାୟକ ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ କ୍ଷେତ୍ରବାସୀ କରଙ୍କ ତତ୍ତ୍ୱବଧାନରେ ପ୍ରାତଃ ସମୟରେ ମହାପ୍ରଭୁଙ୍କ ଅବକାଶ ଧୂପ ସାଙ୍ଗକୁ ଦ୍ୱାର ଖୋଲାନୀତି, ସୂର୍ଯ୍ୟପୂଜା, ମଙ୍ଗଳା ଆଳତି ଓ ଚୁତର୍ଦ୍ଧାମୂର୍ତ୍ତି ଦର୍ଶନ ଆଳତି କରାଯାଇଥିଲା। ସକାଳ ୯ଟାରେ ପହଣ୍ଡିବିଜେ ପରେ ରାଜା ଡ. ଗୋପବନ୍ଧୁ ବଳ ଛେରାପହଁରା କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ୧୦୮ ଗରା ପାଣିରେ ସ୍ନାନ କରାଯାଇଥିଲା। ମନ୍ଦିରର ୩ ଠାକୁରଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦଇତାପତି ରବୀନ୍ଦ୍ର ମୋହନ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ଦାସ, ସହ ସମ୍ପାଦକ ସୁରେଶ ଅଗ୍ରୱାଲ, ପ୍ରଫୁଲ ସାହୁ, ପ୍ରମୋଦ କୁମାର ଦାସ, ବିଜୟ ମହାନ୍ତି, ରାମ ବିଶ୍ୱାଳଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ଅନୁଷ୍ଠାନ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମସ୍ତ ନୀତିକାନ୍ତି ପରେ ରାତି ସାଢେ ୧୦ଟାରେ ଅଣସର ଘରକୁ ନିଆଯାଇଥିଲା। ହନୁମାନ ବାଟିକା ଜଗନ୍ନାଥ ମନ୍ଦିର ପରିସରରେ ପଣ୍ଡିତ ଅଜୟ ଶତପଥୀଙ୍କ ତତ୍ତ୍ୱବଧାନରେ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ସାଢେ ୯ଟାରେ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁବାଶିତ ଜଳରେ ସ୍ନାନ କରାଯାଇଥିଲା। ରାତି ସାଢେ ୯ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସରଘରକୁ ନିଆଯାଇଥିଲା। ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟିଲ ସିଟିରେ ଭକ୍ତ, ଭଗବାନ ଏକାଠି

ରାଉରକେଲା, ୨୨।୬(ସଙ୍ଗୀତା ଜେନା)


ସେକ୍ଟର-୩ ଐରାବନ୍ଧ ଜଗନ୍ନାଥ ମନ୍ଦିରରେ ଆର୍‌ଏସ୍‌ପି ଡିଆଇସି ଠାକୁରରାଜା ଅତନୁ ଭୌମିକ ଛେରାପହଁରା କରୁଛନ୍ତି।

ସେକ୍ଟର-୩ ଐରାବନ୍ଧ ଜଗନ୍ନାଥ ମନ୍ଦିରରେ ବହୁ ବିଧିବିଧାନ ସହ ସ୍ନାନଯାତ୍ରା ନୀତି ସମ୍ପନ୍ନ ହୋଇଛି। ଭୋର ୪.୪୫ରେ ମହାପ୍ରଭୁଙ୍କ ଦ୍ୱାରଫିଟା, ୫ଟାରେ ମଙ୍ଗଳ ଆରତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀମନ୍ଦିରକୁ ନେତ ଲାଗି, ରତ୍ନସିଂହାସନକୁ ଚକାଛାଡ଼, ସେଣାପଟ୍ଟା ଲାଗି, ଟାହିଆଲାଗି, ସକାଳ ୮ଟାରେ ପହଣ୍ଡି, ସ୍ନାନବେଦିରେ ଆଳତି, ଅଧର ପୋଛା, ସ୍ନାନଜଳ ଅଧିବାସ, ମହାପ୍ରଭୁଙ୍କ ସ୍ନାନ କରାଯାଇଥିଲା। ବଳଭଦ୍ରଙ୍କୁ ୩୩ ଗଡୁ, ମା' ସୁଭଦ୍ରାଙ୍କୁ ୨୨ ଗଡୁ ଓ ବଡ଼ଠାକୁରଙ୍କୁ ୩୫ ଗଡୁ, ସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ସ୍ନାନ କରାଯାଇଥିଲା। ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ଡିଆଇସି ତଥା ଠାକୁରରାଜା ଅତନୁ ଭୌମିକ ୧୦.୪୫ରେ ଛେରାପହଁରା କରିଥିଲେ। ପରେ ବାଲଭୋଗ, ଖେଚୁଡ଼ି ଭୋଗ, ବଡ଼ଭୋଗ ଲାଗି କରାଯାଇଥିଲା। ଅପରାହ୍ନ ସାଢ଼େ ୧ଟାରେ ପହଡ଼ ନୀତି କରାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ସ୍ନାନବେଦିରେ ମହାପ୍ରଭୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ଏହି ଅବସରରେ ଭଜନ ଓ ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା। ରାତି ୧୧ଟାରେ ରାତ୍ରଧୂପ ପରେ ଠାକୁର ଅଣସର ଗୃହକୁ ପ୍ରବେଶ କରିଥିଲେ। ଜଗନ୍ନାଥ ଓ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ମିତ୍ରଭାନୁ ପଣ୍ଡା, ସୁଧୀର ସୁନ୍ଦରରାୟ, ସୁଶାନ୍ତ ତ୍ରିପାଠୀ,ରଜତ ଚୌଧୁରୀ, ପ୍ରଭୁ ପ୍ରସାଦ ସାହୁ, ବଡପଣ୍ଡା ତ୍ରିନାଥ ପାଢ଼ୀ, ପୂଜକ ପରମେଶ୍ୱର ପତି, ମଣ୍ଟୁ ପଣ୍ଡା, ସେବାୟତ ନିୟୋଗ କମିଟିର ସଭାପତି ପ୍ରକାଶ ଦାସ, ସମ୍ପାଦକ କିଶୋର ଚନ୍ଦ୍ର ନାୟକଙ୍କ ସମେତ ସଦସ୍ୟମାନେ ସ୍ନାନଯାତ୍ରାକୁ ପରିଚାଳନା କରିଥିଲେ। ୧୩ ଦିନ ଅଣସର ଗୃହରେ ରହିବା ପରେ ଜୁଲାଇ ୭ରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ନିମନ୍ତ୍ରଣ ଓ ରଥପୂଜା ଆଦି କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଝିରପାଣିସ୍ଥିତ ନୀଳାଦ୍ରି ବିହାରୀ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୋର ସାଢ଼େ ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆରତି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଓ ମଙ୍ଗଳାର୍ପଣ, ପହଣ୍ଡି, ଦେବସ୍ନାନ ଆଦି ସମ୍ପନ୍ନ ହୋଇଥିଲା। ଠାକୁର ରାଜା ମହେନ୍ଦ୍ର ମାଝି ଅପରାହ୍ନ ୧ଟାରେ ଛେରାପହଁରା କରିଥିଲେ। ସନ୍ଧ୍ୟାରେ ଗଜାନନ ବେଶ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୯ଟାର ଚତୁର୍ଦ୍ଧାମୂର୍ତ୍ତି ଅଣସରଘରେ ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟି ବ୍ରିଜମୋହନ ଅଗ୍ରୱାଲ, ସୁଧାଂଶୁ ଆଚାର୍ଯ୍ୟ, ସତ୍ୟନାରାୟଣ ଅଗ୍ରୱାଲ, ମିତ୍ରଭାନୁ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ଭବାନୀ ଶଙ୍କର ନନ୍ଦ, ବଡ଼ପଣ୍ଡା ଗୋପବନ୍ଧୁ ପଣ୍ଡା, ଦିଲୀପ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପତ୍ରୀ, ମନୋଜ ସାମଲ, ଚାମୁଚରଣ ସିଂହ, ପୀତାମ୍ବର ସିଂହ, ପଞ୍ଚାନନ ପତିଙ୍କ ସମେତ ସେବାୟତ ନିୟୋଗର ନୃସିଂହ ଚରଣ ପଣ୍ଡା, ଅନୁଭବ ପଣ୍ଡା, ଜୟଶଙ୍କର ଗୌଡ଼, ରଙ୍ଗାଧର ନନ୍ଦ , ଅମିୟ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ପ୍ରାଳ ପ୍ରସାଦ, ରମେଶ ପ୍ରଧାନ ପ୍ରମୁଖ ସ୍ନାନଯାତ୍ରା ପରିଚାଳନା କରିଥିଲେ। କୋଏଲନଗର ସି ବ୍ଲକ ନୀଳକଣ୍ଠେଶ୍ୱର ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ଠାକୁର ରାଜା ମଧୁସୂଦନ ମହାପାତ୍ର ଛେରାପହଁରା କରିଥିଲେ। ୧୦୮ ଗଡୁ ଜଳରେ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଥିଲା। ସେହିପରି କୋଏଲନଗର ଏ ବ୍ଲକ୍ ସ୍ଥିତ ଜଗନ୍ନାଥ ମନ୍ଦିରରେ ନୀତକାନ୍ତି କରାଯାଇଥିଲା। ଦଇତାପତି ସେବକମାନେ ପହଣ୍ଡିକରି ମହାପ୍ରଭୁଙ୍କ ସ୍ନାନମଣ୍ଡପକୁ ଆଣିଥିଲେ। ୧୦୮ କଳସ ଜଳରେ ସ୍ନାନ ପରେ ଠାକୁର ରାଜା ପାନପୋଷ ଉପଜିଲାପାଳ ବିଜୟ ନାୟକ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ହାତୀବେଶ ହୋଇଥିଲା। କମିଟିର ଆଲୋକ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବ୍ରଜେନ୍ଦ୍ର ଦାଶ, ଅମୂଲ୍ୟ ମିଶ୍ର, ମନୋଜ ପଣ୍ଡା, ବିନୟ ମହାନ୍ତି, ଦଇତାପତି ନିଯୋଗର ବିବେକ ପଣ୍ଡା, ମୋହିନୀ ଦଳବେହେରା, ରାକେଶ ମହାନ୍ତି, ବିରଜା ମହାନ୍ତ, ତୁଷାର ସାହୁ, ରମେଶ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ନେତୃତ୍ୱ ବହନ ଶିଖନ୍ତୁ, ସମସ୍ତ ପରିସ୍ଥିତିରେ ସଫଳ ହୁଅନ୍ତୁ ଶୀର୍ଷକ କର୍ମଶାଳା


ନେତୃତ୍ୱ ବିକାଶ କର୍ମଶାଳାରେ ସାମିଲ ହୋଇଥିବା ଅତିଥି ଓ ଅଧିକାରୀ।

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିକ୍ଷଣ ଓ ବିକାଶ କେନ୍ଦ୍ରରେ ନେତୃତ୍ୱ ବହନ ଶିଖନ୍ତୁ ଓ ସବୁ ପରିସ୍ଥିତିରେ ସଫଳ ହୁଅନ୍ତୁ ଶୀର୍ଷକ ଏକ ନେତୃତ୍ୱ ବିକାଶ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ସେଲ୍ କାର୍ମିକ ବିଭାଗର ପୂର୍ବତନ ନିର୍ଦ୍ଦେଶକ ବି. ବି. ସିଂହ ଓ ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗୀୟ ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଉଦ୍‌ଘାଟନ କରିବା ସହ ଅଧ୍ୟକ୍ଷତା କରିଥିଲେ। ଏଥିସହ କର୍ମଶାଳାରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଅଂଶଗ୍ରହଣକାରୀଙ୍କ ନୂତନ ବିକାଶଧାରା ଅନୁସରଣରେ ସହଯୋଗିତା,ଅନୁକରଣରେ ସିଦ୍ଧତା, ଅଭିବୃଦ୍ଧିରେ ଦୃଢ ମାନସିକତା ଓ ଆଚରଣରେ ଭବିଷ୍ୟତ ଦୃଷ୍ଟିକୋଣ ପରିବର୍ତ୍ତନ କାର୍ଯ୍ୟଧାରା ବଜାୟ ରଖିବା ରହିଥିଲା। ଆୟୋଜିତ ୨ ଦିନାତ୍ମକ କର୍ମଶାଳା ସଭାରେ ବି.ବି. ସିଂହ ବିସ୍ତୃତ ଆଲୋଚନାକରି କହିଥିଲେ, ନେତୃତ୍ୱ ନିର୍ବାହ କରିବା ନିମନ୍ତେ ପାଖରେ ସାଇକୋମେଟ୍ରିକ ଟେଷ୍ଟ, କେସ୍ ଷ୍ଟଡି, ମ୍ୟାନେଜମେଣ୍ଟ କୌଶଳ ଓ ଯେକୌଣସି ଜଟିଳ ପରିସ୍ଥିତିରେ ବି ଆତ୍ମବିଶ୍ୱାସ ସହକାରେ ପରିସ୍ଥିତିର ସାମ୍ନା ଓ ସମାଧାନ କରିବା ସାମର୍ଥ୍ୟ ରହିବା ନିତାନ୍ତ ଆବଶ୍ୟକ ବୋଲି ଦର୍ଶାଇଥିଲେ। ଏହାପରେ ଅଂଶଗ୍ରହଣକାରୀଙ୍କୁ ଦଳୀୟ ଗୁଣବତ୍ତା,ଏକୀକୃତ ସଚେତନତା ଏବଂ ଭବିଷ୍ୟତ ନେତୃତ୍ୱ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ଅଂଶଗ୍ରହଣକାରୀମାନେ କର୍ମଶାଳାରେ ଆହରଣ କରିଥିବା ନେତୃତ୍ୱ ବିକାଶ ଶିକ୍ଷା ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏହାପରେ କର୍ମଶାଳାର ଅନ୍ତିମ ପର୍ଯ୍ୟାୟରେ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଅସ୍ଥିରତା, ଅନିଶ୍ଚିତତା,ଜଟିଳତା ଏବଂ ଗ୍ରହଣୀୟତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳା ଏଚ୍‌ଆର୍‌ଏଲ୍ ଆଣ୍ଡ ଡି ବିଭାଗର ଡେପୁଟି ମ୍ୟାନେଜର ଏସ୍.କେ. ଶୁକ୍ଲା ଓ ବିଭାଗୀୟ ଦଳର ସହଯୋଗିତା ଏବଂ ବିଭାଗୀୟ ଏଜିଏମ୍ କେ.କେ. ଯଶୱାଲଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ରେଳବାଇ କଲୋନିରେ ବଢୁଛି ଚୋରି

ରାଉରକେଲା,୨୨।୬(ସଙ୍ଗୀତା ଜେନା)

## ପୋଲିସ ପାଟ୍ରୋଲିଂ ଦାବି

ରାଉରକେଲାରେ ଦିନକୁ ଦିନ ଚୋରି, ଛିନ୍‌ତାଇ ଓ ଅନ୍ୟ ଆପରାଧିକ କାର୍ଯ୍ୟାକଳାପ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ ଭାବେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳର ବନ୍ଦ ଘରୁ ଚୋରି ହେଉଥିବା ପରିଲକ୍ଷିତ ହେଉଛି। ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନିରେ ପ୍ରାୟ ୨ ମାସରେ ୮-୯ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରେଳବାଇ କଲୋନିରେ ଗତ ମେ'ରେ ରେଳବାଇ କର୍ମଚାରୀଙ୍କ ଘରୁ ଟିଭି, ସୁନାଗହଣା, ନଗଦ ଟଙ୍କା ଚୋରି ହୋଇଥିଲା। ସ୍ଥାନୀୟ ବାସିନ୍ଦା ବିକାଶ ଜେନାଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ରେଳବାଇ କଲୋନିରେ କର୍ମଚାରୀଙ୍କ ବନ୍ଦ ଘରଗୁଡ଼ିକୁ ଠାବକରି ଚୋରି କରୁଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ଆଖିଦୃଶିଆ ପାଟ୍ରୋଲିଂ କରାଯାଉନାହିଁ। ଏହାଦ୍ୱାରା ଦୁର୍ବୃତ୍ତ ଓ ନିଶାଖୋରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ରାତି ସମୟରେ ଅଞ୍ଚଳରେ ପାଟ୍ରୋଲିଂ କରାଗଲେ ଚୋରି ନିୟନ୍ତ୍ରଣ ହେବ ବୋଲି ଜେନା ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ, ରେଳବାଇ କଲୋନିରେ କିଛି ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଧରାଯିବା ସହ ଚୋରି ସାମଗ୍ରୀ ଜବତ କରାଯାଇଥିଲା। ତେବେ ଆଗାମୀ ଦିନରେ ପୋଲିସ ପାଟ୍ରୋଲିଂ ବୃଦ୍ଧି କରାଯିବ ବୋଲି ଡିଏସ୍‌ପି ମହାପାତ୍ର କହିଛନ୍ତି।

# ନିୟମିତ ଯୋଗାସନ ଦ୍ୱାରା ମଣିଷତ୍ୱ ପ୍ରାପ୍ତି ହୁଏ

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)



ଯୋଗଶିବିରରେ ପ୍ରଶିକ୍ଷାର୍ଥୀମାନେ।

ଦୃଢ଼ ମନୋବଳ,ମାନସିକ ଶକ୍ତି ବୃଦ୍ଧି ଏବଂ ନିରାମୟ ଜୀବନଯାପନ ପାଇଁ ଯୋଗ ନିତାନ୍ତ ଆବଶ୍ୟକ। ତେଣୁ ନିୟମିତ ଯୋଗାସନ କରିବା ଆବଶ୍ୟକ। ନିୟମିତ ଯୋଗାସନ ଦ୍ୱାରା ମଣିଷତ୍ୱ ପ୍ରାପ୍ତି ହୁଏ ବୋଲି ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଯୋଗ ଦିବସ ପାଳନରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଘାଟକ ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସାକ୍ଷାତକାରନନ୍ଦ ସରସ୍ୱତୀ ଯୋଗଦେଇ ଯୋଗ ଏବଂ ଯୋଗାସନର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ସ୍ୱାମୀ କୈବଲ୍ୟ ମୁନୀ ଯୋଗଧ୍ୟାନ ଦ୍ୱାରା ମାନସିକ ଶକ୍ତି ଓ ଦୃଢ ମନୋବଳ ଶକ୍ତିର ବିକାଶ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପରେ ପାନପୋଷ ହକି କ୍ରୀଡ଼ା ଛାତ୍ରାବାସର ପ୍ରଶିକ୍ଷକ କାଳୀଚରଣ ଚୌଧୁରୀଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଯୋଗାସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପରେ ଦିବସ ପାଳନ ନେଇ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ତରଫରୁ ପ୍ରମଣାପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ପିଲାଙ୍କୁ ବେଦବ୍ୟାସ ମନ୍ଦିର ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ଚନ୍ଦ୍ର କୌଶିକ ଯୋଗ ସାଧନାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ।

# ଠାକୁରଙ୍କ ଗହଣା, ବାସନ ଚୋରି

ରାଉରକେଲା/ବେଦବ୍ୟାସ, ୨୨।୬
(ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ସମ୍ମୁଖରେ ଥିବା ହନୁମାନ ମନ୍ଦିରରେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଠାକୁରଙ୍କ ରୁପା ଗହଣା, ମୁକୁଟ, ଆଖି, ନାକ, ପିତ୍ତଳ ବାସନକୁସନ ଆଦି ଚୋରି କରି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ଚୋରି ସାମଗ୍ରୀ ସୁନାଦୋକାନୀକୁ ବିକିବାକୁ ଉଦ୍ୟମ କରୁଥିବା ବେଳେ ଦୋକାନୀ ପୋଲିସକୁ ଜଣାଇଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୪ରେ ପହଞ୍ଚିଲା

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ସମ୍ବଲପୁରେ ଜଣ୍ଡିସ୍ କାୟା ବିସ୍ତାର କରିବାରେ ଲାଗିଛି। ଶନିବାର ଆକ୍ରାନ୍ତଙ୍କ ସଂଖ୍ୟା ୭୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଛି। ଉଭୟ ଆକ୍ରାନ୍ତଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟସେବୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ସହ କାଉନସେଲିଂ କରାଯାଇଥିବା କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର। ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ କୌଣସି ଜଣ୍ଡିସ୍ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ନାହାନ୍ତି। ଜଣ୍ଡିସ ନିୟନ୍ତ୍ରଣପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯାଉଛି। ସ୍ୱାସ୍ଥ୍ୟସେବୀମାନେ ଏକାଧିକ ଦଳରେ ଭାଗ ହୋଇ ଆକ୍ରାନ୍ତଙ୍କ ଘରକୁ ଯାଇ ସେମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସେହିପରି ସ୍ୱାସ୍ଥ୍ୟକର୍ମୀମାନଙ୍କ ଦଳ ସହରର କୁମ୍ଭାରପଡ଼ା, ଶାଳିଆବଗିଚାର ଧୁବାପଡ଼ା ଓ ପେନସନପଡ଼ାରେ ଆକ୍ରାନ୍ତମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହିତ କାଉନସେଲିଂ କରୁଛନ୍ତି। ସଂକ୍ରମିତ ଅଞ୍ଚଳ ସଂଲଗ୍ନ ଅନ୍ୟ ଅଞ୍ଚଳରେ ମଧ୍ୟ ଘରକୁ ଘର ବୁଲି ଜନସାଧାରଣଙ୍କୁ ସଚେତନ କରିବା ସହ ହେଲୋଜେନ ବଟିକା ଓ ବ୍ଲିଚିଂ ପାଉଡର ବଣ୍ଟନ କରୁଛନ୍ତି ବୋଲି କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମିଶ୍ର। ଅପରପକ୍ଷେ ନିୟମିତ ଭାବେ ସଂକ୍ରମିତ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ବିଶୋଧନ ପ୍ରକ୍ରିୟା ଜାରି ରହିଥିବା କହିଛନ୍ତି ମହାନଗର ନିଗମ କମିଶନର ବେଦଭୂଷଣ। ଉକ୍ତ ଅଞ୍ଚଳର ପୁରୁଣ ପାଇପ୍ ବଦଳ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ପୁରୁଣା ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣିକୁ ପ୍ରତିଦିନ ସ୍ୱତନ୍ତ୍ରଭାବେ ପରୀକ୍ଷଣ ମଧ୍ୟ କରାଯାଉଛି ବୋଲି ସେ କହିଛନ୍ତି ।


ରାସ୍ତା ଉପରେ ପ୍ରବାହିତ ନାଳିରୁ ଉଚ୍ଛୁଳା ଅବର୍ଜନା ଜଳ।

## ୨ ଆକ୍ରାନ୍ତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି

ବସ୍ତି ଅଞ୍ଚଳରେ ଜଣ୍ଡିସ୍‌ର ପ୍ରାଦୁର୍ଭାବ ସର୍ବାଧିକ ଦେଖାଦେଇଛି। ସଂକ୍ରମିତ ଅଞ୍ଚଳ ବ୍ୟତୀତ ଠେଲକୋପଡ଼ା ଅଞ୍ଚଳର ଅନେକ ସ୍ଥାନରେ ନାଳନର୍ଦ୍ଦମାର ଉଚ୍ଛୁଳା ଦୂଷିତ ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସମ୍ବଲପୁରରେ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଜଣ୍ଡିସ ସହରର ପାନୀୟ ଜଳରେ ବ୍ୟାପୁଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୧୩ ମିସହାରେ ସହରରେ ଦେଖାଦେଇଥିବା ଜଣ୍ଡିସ୍ ସଂକ୍ରମଣ ସମୟରେ ବିଛାଯାଇଥିବା ପୁରୁଣା ପାଇପ ବଦଳ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳ ସ୍ୱରୂପ ପୁଣିଥରେ ସମ୍ବଲପୁର ସହରରେ ଜଣ୍ଡିସ୍ ସଂକ୍ରମଣ ଆରମ୍ଭ ହୋଇଛି। ତେବେ ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକର ଅବିଳେମ୍ବେ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଡାକ ଡିଭିଜନ ପକ୍ଷରୁ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚିତ



ସମ୍ବଲପୁର ଡାକଘରଠାରେ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚନ ଅବସରରେ ଅତିଥି ଏବଂ ଅଧିକାରୀ।

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଡାକ ଡିଭିଜନ୍ ଅନ୍ତର୍ଗତ ସମ୍ବଲପୁର ଡାକ ସଂଗ୍ରହାଳୟ ପକ୍ଷରୁ (ଫିଲାଟେଲିଷ୍ଟ ବ୍ୟୁରୋ) ପକ୍ଷରୁ ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚିତ ହୋଇଛି। ନିଜ ଏବଂ ସମାଜ ପାଇଁ ଯୋଗ ବାର୍ତ୍ତା ରହିଥିବା ଏହି ଡାକ ମୋହର ଉନ୍ମୋଚନ ପାଇଁ ସମ୍ବଲପୁରର ଦୁଇଜଣ ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ହୋତା ଏବଂ ଡକ୍ଟର ଜୟନ୍ତକର ଶର୍ମାଙ୍କ ସହ ଜଣେ ଯୁବ ଷ୍ଟାମ୍ପ ସଂଗ୍ରାହକ ସୁରଜ ଗହିରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସମ୍ବଲପୁର ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ନିରଞ୍ଜନ ନାରାୟଣ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଡାକ ଡିଭିଜନ ଅଧୀକ୍ଷକ ମହେଶ୍ୱର ରାଓ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଡାକ ମୋହର ଉନ୍ମୋଚନ ପରେ ଡାକଘରକୁ ବିତରଣ ପାଇଁ ଆସିଥିବା ଚିଠିପତ୍ରରେ ଲାଗିଥିବା ଷ୍ଟାମ୍ପରେ ଏହି ମୋହର ମରାଯାଇ କାର୍ଯ୍ୟକାରୀ କରାଯାଇଥିଲା। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ସମ୍ବଲପୁର ଡାକ ଡିଭିଜନ କର୍ମଚାରୀ ଏବଂ ଅଧିକାରୀମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ କଟକ, ଭୁବନେଶ୍ୱର ସମେତ ସମ୍ବଲପୁର ଭଳ ତିନୋଟି ସ୍ଥାନରେ ଡାକ ସଂଗ୍ରହାଳୟ ରହିଛି। ଯେଉଁଠାରେ ଜନ ସାଧାରଣ ଭାରତରେ ଆଜି ପର୍ଯ୍ୟନ୍ତ ବ୍ୟବହାର ହୋଇଥିବା ଷ୍ଟାମ୍ପଗୁଡିକ ସଂଗ୍ରହ ହୋଇ ରହିଛି।

# ପରିବେଶ ସୁରକ୍ଷା ପାଇଁ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍‌ର ବୃକ୍ଷରୋପଣ

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)

ପରିବେଶ ସୁରକ୍ଷା ପାଇଁ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ ସମ୍ବଲପୁର ୱାର୍କ୍ସ ପକ୍ଷରୁ ଏକ ବୃକ୍ଷ ରୋପଣ ଅଭିଯାନ ଆରମ୍ଭ କରାଯାଇଛି। କମ୍ପାନୀର ସିଏସ୍‌ଆର୍ ଯୋଜନାରେ ଠେଲକୋଲେଇ ପଞ୍ଚାୟତରେ ବ୍ୟାପକ ବନୀକରଣ ସହ ସୁସ୍ଥ, ସବୁଜ ପରିବେଶ ସୃଷ୍ଟି ଲକ୍ଷ୍ୟରେ ବୃକ୍ଷରୋପଣ ପାଇଁ ଗ୍ରାମବାସୀଙ୍କୁ ଚାରା ବଣ୍ଟନ କରାଯାଇଛି। ଏହି ଅଭିଯାନକୁ ଠେଲକୋଲେଇ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ କ୍ଷୁଦ୍ର ଜନବସତି ବା ୨ଶହ ପରିବାର ରହୁଥିବା ଗ୍ରାମମାନଙ୍କରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କମ୍ପାନୀର ସିଏସଆର ମୁଖ୍ୟ ବିଶାଳ ରାଜ ଓ ଠେଲକୋଲେଇ ସରପଞ୍ଚ ଅବନ୍ତୀ ନାୟକ ପରିବେଶ ସୁରକ୍ଷା ଓ ସ୍ଥିରତା ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହାସହ ବୃକ୍ଷରୋପଣ ଦ୍ୱାରା ସୃଷ୍ଟି ସ୍ୱଚ୍ଛ ପରିବେଶ ଓ ସବୁଜିମାରର ମଣିଷ ଜୀବନ ପାଇଁ କେତେ ଜରୁରୀ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ।



ବଣ୍ଟନ କରାଯାଇଥିବା ଚାରା ସହ ଗ୍ରାମର ମହିଳାମାନେ।

# ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ


କୁଚିଣ୍ଡାରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୁଚିଣ୍ଡା,୨୨।୬(ବିରଞ୍ଚି ଦର୍ଵା)

## କୁଚିଣ୍ଡାରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଶନିବାର ସମ୍ବଲପୁର ଜିଲା କୁଚିଣ୍ଡାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦାୟିତ୍ୱ ଗ୍ରହଣ କରିବା ପରେ କୁଚିଣ୍ଡାକୁ ମନ୍ତ୍ରୀ ନାଏକଙ୍କ ପ୍ରଥମ ଗସ୍ତ ହୋଇଥିବାରୁ ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମନ୍ତ୍ରୀ ନାଏକ କୁଚିଣ୍ଡାରେ ପହଞ୍ଚିବା ପରେ ଘୋଷା ଛକରୁ ଏକ ଶୋଭାଯାତ୍ରାରେ ପୂର୍ତ୍ତବିଭାଗ ବଙ୍ଗଳା ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ନାଏକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି କୁଚିଣ୍ଡାର ସାମଗ୍ରିକ ବିକାଶ ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଅଞ୍ଚଳରେ ଜଳସେଚନର ସୁବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଥିଲେ। ପରେ ଭାଜପା କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଭାଜପା ମଣ୍ଡଳ ଓ ପଞ୍ଚାୟତ କାର୍ଯ୍ୟକର୍ତ୍ତା, ନିର୍ବାଚିତ ପ୍ରତିନିଧି, ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ, ବ୍ଲକ ଗ୍ରାଣ୍ଟ ଶିକ୍ଷକ ସଂଘ,ବିଭିନ୍ନ ସାମାଜିକ ସଙ୍ଗଠନ, ଡ୍ରାଇଭର ସଂଘ,ବିଭିନ୍ନ ସରକାରୀ ଅଧିକାରୀମାନେ ମନ୍ତ୍ରୀ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶୀଲ କର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବୀରେନ୍ଦ୍ର ଚୌଧୁରୀ, ସୁନୀଲ ମୁଦୁଲି, ଶୁଶୀଲ ନାୟକ, ପିଙ୍କୁ ପାଣି, ଶୈଳେନ୍ଦ୍ର ନାୟକ, ରଞ୍ଜନ ମହାପାତ୍ର, ସଚ୍ଚିଦାନନ୍ଦ ଶର୍ମା, ମହେଶ ରାୟ, ପ୍ରାଣବନ୍ଧୁ ନାଥଙ୍କ ସମେତ ଉପଖଣ୍ଡର ବହୁ ଭାଜପା କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ।

# ପ୍ରତି ପଞ୍ଚାୟତକୁ ମିଳିଥିବା ୫୦ଲକ୍ଷ ଟଙ୍କାର ସଦ୍‌ବିନିଯୋଗ କର

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ସାଧାରଣ ନିର୍ବାଚନ ପୂର୍ବରୁ ନବୀନ ପଟ୍ଟନାୟକ ସରକାର ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଥିଲେ। ଏହି ଅନୁଦାନରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ସହିତ ପଞ୍ଚାୟତର ଧାର୍ମିକ ସ୍ଥଳୀର ଉନ୍ନତୀକରଣ କରାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ କେତେକସ୍ଥଳରେ ବିନା ଯୋଜନାରେ ଗ୍ରାମବାସୀଙ୍କ ବିନା ସହମତିରେ ଅନୁଦାନ ଖର୍ଚ୍ଚ କରାଯାଇଛି। ବ୍ଲକ୍ ପ୍ରଶାସନ ନିଜର ଭୂମିକା ଠିକ୍‌ଭାବେ ନିର୍ବାହ କରି ନ ଥିବା ନେଇ ରାଷ୍ଟ୍ରୀୟ ଗ୍ରାମପ୍ରଧାନ/ସରପଞ୍ଚ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ବିଡିଓମାନଙ୍କ କାଉଣ୍ଟର ଦସ୍ତଖତ ନଥାଇ ଖର୍ଚ୍ଚ କରାଯାଇଥିବା ଅଭିଯୋଗର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସଙ୍ଗଠନ ଦାବି କରିଛି। ପ୍ରତି ପଞ୍ଚାୟତକୁ ଦିଆଯାଇଥିବା ସ୍ୱତନ୍ତ୍ର ଅନୁଦାନ ଉପରେ ସମୀକ୍ଷା କରିବା ସହିତ ଏହି ଅର୍ଥର କିଭଳି ସୁବିନିଯୋଗ ହୋଇପାରିବ ନୂଆସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସଙ୍ଗଠନର ରାଜ୍ୟ ସଭାପତି ରବି ରଥ ଓ ରାଜ୍ୟ ସମ୍ପାଦକ ଡା.ରାଜାରାମ ଷଡଙ୍ଗୀ ଦାବି କରିଛନ୍ତି ।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ହୁଇଲଚେୟାର ପ୍ରଦାନ

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ତାଙ୍କ ନୂଆପଡା ବାସଭବନକୁ ଯାଇ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । ବାର୍ଦ୍ଧକ୍ୟ ଯୋଗୁ ସେ ଚଳାବଲା କରି ପାରୁ ନାହାନ୍ତି। ସେଥିପାଇଁ ସାହିତ୍ୟ ଅନୁଷ୍ଠାନ କଲମ ପକ୍ଷରୁ ଜିଲା ପ୍ରଶାସନକୁ ହ୍ୱିଲ ଚେୟାର ପ୍ରଦାନ କରିବା ନେଇ ଅନୁରୋଧ କରାଯାଇଥିଲା। ଏହାପରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଥବିର ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ ପଦ୍ମଶ୍ରୀ ପଶାୟତଙ୍କ ଘରକୁ ଯାଇ ହ୍ୱିଲଚେୟାର ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଜିଲା ଭିନ୍ନକ୍ଷମ ଅଧିକାରୀ ରବିନ୍ଦ୍ର ଶତପଥୀ, ରେଡକ୍ରସର ଆଜୀବନ ସଦସ୍ୟ ନିହାଲ ସିଂହ, କଲମ ଅନୁଷ୍ଠାନର ଆବାହକ ତଫିଜୁଲ ହୁସେନ, ସଭାପତି ଜୟକୃଷ୍ଣ ବେହେରା, ସମ୍ପାଦକ କ୍ଷେତ୍ରମଣି ବିଭାର, ମାନସ ରଞ୍ଜନ ବକ୍ସି ଉପସ୍ଥିତ ରହିଥିଲେ। ପଦ୍ମଶ୍ରୀ ପଶାୟତ ବିନା ସହଯୋଗରେ ଚଳାବୁଲା କରିବାରେ ଅସୁବିଧା ଭୋଗୁଥିବା ବେଳେ ପ୍ରଶାସନ ପକ୍ଷରୁ ଆଶାବାଡି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।


ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ହୁଇଲ ଚେୟାର ପ୍ରଦାନ ଅବସରରେ ଉପସ୍ଥିତ ଜିଲା ପ୍ରଶାସନର ଅଧିକାରୀମାନେ।

# ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଅସହାୟ

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

## ୪ ପିଲାଙ୍କ ସହ ଦୁର୍ବିଷହ ଜୀବନ ବିତାଉଛନ୍ତି ସୁମନ

ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୯ ସରଲାକାନୀ ନିକଟ ଗାନ୍ଧୀ କଲୋନୀରେ ଭଡାରେ ରୁହନ୍ତି ସୁମନ ଖାତୁନ(୩୫)। ତାଙ୍କ ସ୍ୱାମୀ ଅବଦୁଲ କାଲାମ ଅନ୍‌ସାରୀ(୫୦)ଙ୍କ ଗତ ମେ' ୩୦ରେ ମୃତ୍ୟୁ ହୋଇଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳା ଶ୍ରମିକଭାବେ କାମ କରୁଥିବା ସୁମନ କିଭଳି ୪ ପିଲାଙ୍କୁ ନେଇ ଜୀବନ ଜିଇବେ ଚିନ୍ତାରେ ପଡିଛନ୍ତି।

ସୁମନ ଗୃହ ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ସେଠାରେ କାମ କରୁଥିବା ପଶ୍ଚିମବଙ୍ଗର ମୂଳ ବାସିନ୍ଦା ରାଜମିସ୍ତ୍ରି ଅବଦୁଲ କଲାମଙ୍କୁ ବିବାହ କରିଥିଲେ। ଉଭୟେ ଗାନ୍ଧୀ କଲୋନୀରେ ଭଡାଘର ନେଇ ଗତ ୧୫ବର୍ଷ ହେଲା ରହୁଥିଲେ। ସେମାନଙ୍କର ୪ଟି ପୁଅ ଝିଅ ଅଛନ୍ତି। ସାନ ପୁଅ ତଫିକକୁ ମାତ୍ର ୪ ବର୍ଷ। କିଛି ଦିନ ପୂର୍ବରୁ ସାନପୁଅ ପେଯରେ ପଡି ପୋଡି ହୋଇଯାଇଥିଲା। ଏଥିରେ ତାର ଗୋଟିଏ ହାତ କାମ କରୁନାହିଁ। ଏହି ଅବସ୍ଥାରେ ସୁମନ ଥିବା ବେଳେ ପେଟ ବେମାରିରେ ଆକ୍ରାନ୍ତ ଅବଦୁଲ୍‌ଙ୍କ ମୃତ୍ୟୁ ଘଟିଥିଲା। ଝିଅ ଭିନ୍ନ ଜାତିରେ ବିବାହ କରିଥିବାରୁ ଗାଁରେ ଥିବା ତାଙ୍କ ମା'ବାପା ସୁମନଙ୍କୁ ଆଉ ପଚାରୁ ନାହାନ୍ତି। ଏବେ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ଯାଇଛନ୍ତି ସୁମନ। ଅପରପକ୍ଷରେ ଅବଦୁଲଙ୍କ ପରିବାର ବିଷୟରେ ସୁମନ କିଛି ଜାଣି ନ ଥିବାରୁ ଶାଶୁଘର ପଟୁ ସେ କୌଣସି ସହଯୋଗ ପାଇବା ଆଶାନାହିଁ। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ମିଳୁଛି। କଠିନ ଆର୍ଥିକ ସ୍ଥିତିର ସମ୍ମୁଖୀନ ହୋଇଥିବା ସୁମନଙ୍କ ବଡଝିଅ ମୁସ୍କାନ(୧୩) ପାଠ ପଢା ଛାଡି ଦେଇଛନ୍ତି। ଝିଅ ଖୁସ୍‌ବୁ(୧୧) ଓ ବଡ଼ପୁଅ ତକିର(୯) ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ସାନପୁଅ ରୋଗାକ୍ରାନ୍ତ ଥିବାରୁ ସୁମନ କାମଧନ୍ଦା କରିବାକୁ ଯାଇ ପାରୁନାହାନ୍ତି। ଏହି ସ୍ଥିତିରେ ସେ ଘରଭଡା ଦେଇ ପାରୁ ନ ଥିବା କହିଛନ୍ତି ସୁମନ। ତାଙ୍କ ଦୁଃସ୍ଥିତି ଖବର ପାଇ ସାମାଜିକ ସଙ୍ଗଠନ ଭାରତୀ ସମାଜର କର୍ମୀ କାନ୍ତୀ ମେହେର ଏବଂ ମୀନା ନାଏକ ସୁମନଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସରକାରୀସ୍ତରରେ କ'ଣ ପକ୍ଷକ୍ଷେପ ନିଆଯାଇପାରିବ, ସେ ନେଇ ସଙ୍ଗଠନ କର୍ମକର୍ତ୍ତା ଆଲୋଚନା କରିଛନ୍ତି। ସୁମନ ଆଦିବାସୀ ହୋଇଥିବା ବେଳେ ତାଙ୍କର ସମସ୍ତ କାଗଜପତ୍ରରେ ମୁସଲମାନ ଲେଖା ହୋଇଥିବାରୁ ଅନୁସୂଚିତ ଜାତିଭାବେ ସେ କୌଣସି ସୁବିଧା ପାଇପାରୁ ନାହାନ୍ତି। ଏ ସଂକ୍ରାନ୍ତରେ ସାମାଜିକ କର୍ମୀ କାନ୍ତି ମେହେରଙ୍କୁ ପଚାରିବାରୁ ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ପିଲାମାନଙ୍କ ସହ ସୁମନ ଖାତୁନ।

# ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା



ମୁଦିପଡ଼ାର ଜଗନ୍ନାଥ ମନ୍ଦିରରେ ସ୍ନାନମଣ୍ଡରେ ବିରାଜମାନ ଶ୍ରୀଜୀଉ(ବାମ), ଝାଡୁଆପଡା ଜଗନ୍ନାଥ ମନ୍ଦିର ପରିସରସ୍ଥ ସ୍ନାନ ମଣ୍ଡପରେ ବ୍ରହ୍ମପୁରା ଠାକୁର ଗଜବେଶରେ ଦର୍ଶନ ଦେଉଛନ୍ତି।

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ସର୍ବ ପୁରାତନ ଜଗନ୍ନାଥ ମନ୍ଦିରରେ ଶ୍ରୀଶ୍ରୀ ବ୍ରହ୍ମପୁରା ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଅବସରରେ ଶନିବାର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଭୋର ୩ ଟାରେ ଦ୍ୱାରଫିଟା ନୀତି କରାଯିବା ପରେ ୩ଟା ୩୦ରେ ଦେବସ୍ନାନ ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବହାର ହୋଇଆସିଥିବା ଝାଡୁଆପଡାର ଆଶିଷ ସୁପକାରଙ୍କ କୂଅକୁ ପୂଜା କରାଯାଇଥିଲା । ଏହାପରେ କୂପରୁ ୧୦୮ ଗରା ଜଳ ଅଣାଯାଇଥିଲା। ସକାଳ ୬ ଟା୩୦ରେ ଧ୍ୱଜା ବନ୍ଧନ କରାଯିବା ପରେ ୭ଟାରେ ମଙ୍ଗଳାର୍ପଣ କରାଯାଇଥିଲା। ସକାଳ ସାଢେ ୭ଟାରେ ପହଣ୍ଡି ବିଜେ ଅନୁଷ୍ଠିତ ହେବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନମଣ୍ଡପକୁ ବିଜେ କରାଯାଇଥିଲା। ଏହାପରେ କଳସ ପୂଜନ ଓ ଷୋଡଶ ଉପଚାର ପୂଜନ କରାଯିବା ପରେ ମହାପ୍ରଭୁଙ୍କ ୧୦୮ ଗରା ଜଳରେ ମହାସ୍ନାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଗଜାନନ ବେଶ ଓ ମହାଆଳତୀ କରାଯାଇଥିଲା । ୧୨ ଟାରେ ମଧ୍ୟାହ୍ନ ଧୂପ ଓ ଅନ୍ନଭୋଗ ଲାଗି ହେବା ପରେ ଭକ୍ତମାନେ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଖୋଲା ଦର୍ଶନ କରିଥିଲେ। ସନ୍ଧ୍ୟା ୭ଟା୧୫ରେ ସନ୍ଧ୍ୟା ଆଳତୀ କରାଯିବା ପରେ ରାତ୍ର ୮ଟାରେ ମହାପ୍ରଭୁଙ୍କ ଅଣସର ବିଜେ ଅନୁଷ୍ଠିତ ହୋଇଥିଲା। ମହାସ୍ନାନ କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ବାବୁ, ଅମରନାଥ ସୁପକାର, ରାଜାରାମ ସୁପକାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ସନ୍ତୋଷ ପଣ୍ଡା ନୀତିକାନ୍ତି ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ। ସେହିପରି ମୁଦିପଡାସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡି ରେ ସ୍ନାନ ବେଦୀକୁ ଅଣା ଯାଇ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସକାଳୁ ଦ୍ୱାରଫିଟା, ମଙ୍ଗଳ ଆଳତୀ ପରେ ଠାକୁରମାନଙ୍କୁ ମହାସ୍ନାନ କରାଯାଇଥିଲା। ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଜୟଗୋପାଳ ସୁଆର ପୂଜାକାର୍ଯ୍ୟ କରିଥିଲେ। ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ନୀତୀକାନ୍ତି ସମ୍ପାଦିତ କରିଥିଲେ।

# 'ଅଧିକାର ସାବ୍ୟସ୍ତ କରିବା ସହ କର୍ତ୍ତବ୍ୟ ସମ୍ପାଦନ ଜରୁରୀ'

**ବଳାଙ୍ଗୀରରେ ଆଇନ ଓ ନ୍ୟାୟ ଶୀର୍ଷକ ଆଲୋଚନାଚକ୍ର**

■ମାସିକ ବିଚାର ଆଲୋଚନାଚକ୍ରରେ ଜିଲା ଦୌରାଜଜ୍‌ଙ୍କ ବକ୍ତବ୍ୟ

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ ମାସିକ ବିଚାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଇନ ଓ ନ୍ୟାୟ ଶୀର୍ଷକ ଆଲୋଚନାଚକ୍ରରେ ବଲାଙ୍ଗୀର ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଆଲୋଚକ ଭାବେ ଯୋଗଦେଇଥିଲେ। ଜିଲା ଦୌରାଜଜ୍ ସାମଲ କହିଥିଲେ ଯେ, ପ୍ରାଚୀନ କାଳରୁ ଅଲିଖିତ ଆଇନ ରହିଥିଲା। କୌଣସି ଘଟଣାରେ ନ୍ୟାୟ ପାଇଁ କିଛି ଲୋକଙ୍କୁ ନେଇ ସେମାନଙ୍କ ସାଧାରଣ ମତ ଦ୍ୱାରା ନ୍ୟାୟ ପ୍ରଦାନ କରାଯାଇଆସୁଥିଲା। ତେବେ ପରବର୍ତ୍ତୀ ସମୟରେ ଲିଖିତ ଆଇନ ବ୍ୟବସ୍ଥା କରାଗଲା। ଏଇ ଲିଖିତ ଆଇନ ବଳରେ ନ୍ୟାୟ ବ୍ୟବସ୍ଥାକୁ ସାମ୍ବିଧାନିକ କରିବାକୁ ଚେଷ୍ଟା କରାଗଲା। ଆଇନଗତ, ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ନ୍ୟାୟ କ'ଣ ବୁଝାଇଥିଲେ। ପ୍ରକ୍ରିୟାଗତ ନ୍ୟାୟ କ'ଣ ଏବଂ ଏହା କିଭଳି ସମ୍ପାଦନ କରାଯାଏ ସେ ଉପରେ ଜିଲା ଦୌରାଜଜ୍ ସାମଲ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ଜିଲା ଆଇନ୍ ସେବା ପ୍ରାଧିକରଣ ଏବଂ ମୌଳିକ କର୍ତ୍ତବ୍ୟ ଉପରେ ମଧ ସେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ କିଛି ଅଧିକାର ପ୍ରଦାନ କରିଛି। ତେବେ ସେ ଅଧିକାର ବିବେକାନୁମୋଦିତ ହେବା ଉଚିତ୍। ଆମେ ଆମର ପଡୋଶୀଙ୍କୁ ଭଲ ପାଇବା କି ନାହିଁ ତାହା ମାନେ ରଖେନାହିଁ। ମାତ୍ର ଆମେ କୌଣସି ପରିସ୍ଥିତିରେ ଆମ ପଡୋଶୀଙ୍କ ଶାନ୍ତି ଭଙ୍ଗ କରିପାରିବା ନାହିଁ। ଏହି ଅଧିକାର ସମ୍ବିଧାନ ଦେଇନାହିଁ। ଏଣୁ ଅଧିକାର ସାବ୍ୟସ୍ତ କଲାବେଳେ ବ୍ୟକ୍ତିଙ୍କୁ ନିଜର ବିବେକାନୁମୋଦିତ କର୍ତ୍ତବ୍ୟ ସମ୍ପାଦକ କରିବାକୁ ପଡିବ। ଅଧିକାର ସାବ୍ୟସ୍ତ କରିବାକୁ ଆମେ ଯେତିକି ଜୋର ଦେଉସେଇ ମାତ୍ରାରେ ଆମକୁ କର୍ତ୍ତବ୍ୟ ସମ୍ପାଦନ କରିବା ଉପରେ ମଧ ଜୋର ଦେବା ଜରୁରୀ ବୋଲି ଜିଲା ଦୌରାଜଜ୍ ସାମଲ କହିଥିଲେ। ଏହି ଅବସରରେ ସେ ଜିଲା ଆଇନ ସେବା ପ୍ରାଧିକରଣ କିଭଳି କାର୍ଯ୍ୟ କରେ କହିଥିଲେ। ଯେକୌଣସି ବ୍ୟକ୍ତି ଜିଲା ଆଇନ ସେବା ପ୍ରାଧିକରଣ ଜରିଆରେ ଆଇନ ସେବା ପାଇବାକୁ ହକଦାର ବୋଲି ସେ କହିଥିଲେ। ଆଇନ ସେବା ପାଇବାରୁ ବଞ୍ଚିତ ହେଉଥିବା ବ୍ୟକ୍ତିଙ୍କୁ ଏଦିଗରେ ଅଧିକ ସଚେତନତା ସୃଷ୍ଟି କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବ୍ୟକ୍ତିଗତ ସ୍ତରରେ ନିଜ ପଡୋଶୀ ଏବଂ ପରିଚିତ ମହଲରେ ଆଇନ ସେବା ପ୍ରାଧିକରଣ ଏବଂ ଏହାର କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସେ କହିଥିଲେ। ସଭାକୁ ବରିଷ୍ଠ ଆଡଭୋକେଟ୍ ଭବନୀ ଶଙ୍କର ଶତପଥି ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବିନୟ କୁମାର ପାତ୍ର ତାଲୁକ ସ୍ତରରୁ ଆଇନ ସେବା ପ୍ରାଧିକରଣ କିଭଳି କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରେ ଏବଂ ଲୋକଙ୍କୁ ଆଇନ ସେବା ଯୋଗାଇବାରେ ସହଯୋଗ କରେ ସେ ବିଷୟରେ ସୂଚନା ଦେଇଥିଲେ। ଆଲୋଚନାଚକ୍ର ଶେଷରେ ବିଚାରର ଆବାହକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରାକ୍ତନ ପ୍ରଫେସର ଡ. ମଧୁସୂଦନ ପତି, ଡ. ଅଭିମନ୍ୟୁ ମିଶ୍ର, ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର, ଆହ୍ଲାଦ ପୂଜାରୀ, ଇଂ. ବେଲାରସିଂ ଭୋଇ, ମହେଶ୍ୱର ସାହୁ, ସନାତନ ଠାକୁର, ଡ. ପ୍ରହଲ୍ଲାଦ ଶତପଥି, ରସରାଜ ଅଚ୍ୟୁତ ପୁରୋହିତ, ଆଡଭୋକେଟ ସନ୍ତୋଷ ପାଢ଼ୀ, ପ୍ରିୟରଞ୍ଜନ ବହିଦାର, ଶାନ୍ତନୁ ଭୋଇ, ପ୍ରମୋଦ ବହିଦାର, ଶ୍ରୀକାନ୍ତ ଶର୍ମା, ଚିତ୍ତରଞ୍ଜନ ମିଶ୍ର, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର, ଅରୁଣ ଖୁଆସ, ଅଧାପକ କୌତୁକ ପନ୍ଦର, ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଧାପକ ଓ ଜନସାଧାରଣ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ବିଚାର ଆଲୋଚନାଚକ୍ରରେ ବକ୍ତବ୍ୟ ରଖୁଛନ୍ତି।

# ବ୍ୟାଙ୍କ ଆକାଉଣ୍ଟରୁ ୫ଲକ୍ଷ ଲୁଟ୍: ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ ଚିତ୍ତରଞ୍ଜନ ଧୁରଆ।

**ନିରକ୍ଷର ମହିଳାଙ୍କ ଟଙ୍କା ଆତ୍ମସାତ୍ କରିଥିଲେ ସମ୍ପର୍କୀୟ ପୁତୁରା**

ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବଡତେଲେନପାଲି ଗାଁର ମହିଳା ପୁରାଣ ଧରୁଆ (୬୫)ଙ୍କ ଚୁଡାପାଲି ଏସ୍‌ବିଆଇ ଆକାଉଣ୍ଟରୁ ୫ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗରେ ସାଇବର ଥାନା ପୋଲିସ ଟିମ୍ ମହିଳାଙ୍କ ଜଣେ ସମ୍ପର୍କୀୟ ପୁତୁରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାନ୍ଧନଭାଟି ଗାଁର ଚିତ୍ତରଞ୍ଜନ ଓରଫ୍ ଦଶରଥ ଧରୁଆ (୪୦)। ଅଭିଯୁକ୍ତଙ୍କଠାରୁ ପୋଲିସ ଓଡି୦୩ଟି ୦୯୮୭ ନଂ. ଏକ ବାଇକ୍, ୨ଟି ମୋବାଇଲ ଫୋନ୍, ୨ଟି ସିମ୍ କାର୍ଡ, ଏକ ଜାଲ ଆଧାର କାର୍ଡ ଜବତ କରିଛି। ଲୋୟର ସୁକ୍‌ତେଲ ପ୍ରକଳ୍ପ କ୍ଷତିଗ୍ରସ୍ତ ଭାବେ ପୁରାଣ ପାଇଥିବା କ୍ଷତିପୂରଣ ଟଙ୍କା ଚୁଡାପାଲି ଏସ୍‌ବିଆଇ ଆକାଉଣ୍ଟରେ ଜମା ହୋଇଥିଲା। ପ୍ରାୟ ୩୦ ବର୍ଷ ହେଲା ଖଗସାବାହାଲ ଗାଁରେ ପୁରାଣ ତାଙ୍କ ସମ୍ପର୍କୀୟ ପୁତୁରା ଚିତ୍ତରଞ୍ଜନଙ୍କ ଘରେ ରହୁଥିଲେ। ୨୦୧୪ ମସିହାରେ ଆକାଉଣ୍ଟ ଖୋଲିବା ପରେ ପୁରାଣ ନିରକ୍ଷର ହୋଇଥିବାରୁ ବିଭିନ୍ନ ସମୟରେ ବ୍ୟାଙ୍କ କାମ ବେଳେ ସମ୍ପର୍କୀୟ ପୁତୁରାଙ୍କ ସହଯୋଗ ଲୋଡୁଥିଲେ। ଏହି ସମୟରେ ଅଭିଯୁକ୍ତ ଜଣକ ତାଙ୍କ ନିଜସ୍ୱ ମୋବାଇଲ ନମ୍ବରକୁ ପୁରାଣଙ୍କ ଆକାଉଣ୍ଟରେ ଯୋଡି ଦେଇଥିଲେ। ଗତ ଫେବୃୟାରୀ ମାସରେ ପୁରାଣଙ୍କ ଆକାଉଣ୍ଟରୁ ଅଭିଯୁକ୍ତ ୫ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଚଳିତ ଜୁନ୍ ୧୧ରେ ଜାଣିବା ପରେ ପୁରାଣ ଅଭିଯୁକ୍ତ ପୁତୁରା ଚିତ୍ତରଞ୍ଜନଙ୍କ ନାଁରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଦେବସ୍ନାନ ପୂର୍ଣ୍ଣିମା: ସବୁଠି ଭକ୍ତିମୟ ପରିବେଶ

ଲୋଇସିଂହା,୨୨।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା, ବୁର୍ଡା, ଯୋଗୀସର୍ଡା ଆଦି ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା ଶନିବାର ପାଳିତ ହୋଇଯାଇଛି। ମନ୍ଦିର ପୂଜକ ସକାଳୁ ମନ୍ଦିରରେ ମହାପ୍ରଭୁଙ୍କ ନୀତିଭୋଗ ସମାପନ କରିଥିଲେ। ଏହାପରେ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଗ୍ରାମ୍ୟ କମିଟି ସଦସ୍ୟ ଏବଂ ଭକ୍ତଙ୍କ ଉପସ୍ଥିତିରେ ୧୦୮ କଳସ ପାଣିରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଦେବସ୍ନାନ ନୀତି ସମାପନ ପରେ ମହାପ୍ରଭୁଙ୍କୁ ଅଣସର ଘରକୁ ଅଣାଯାଇଥିଲା। ୧୩ ଦିନ ଧରି ମହାପ୍ରଭୁ ଅଣସର ଘରେ ଉପଚାର ନୀତି ରହିବେ। ବୁର୍ଡାରେ ପୂଜକ ମହେନ୍ଦ୍ର ଦାଶ, ମନୋଜ ଦାଶ, ଲୋଇସିଂହାରେ ପୂଜକ ଟିକୁ ପାଣିଆ ଏବଂ ଯୋଗୀସର୍ଡାରେ ପୂଜକ ନବୀନ ପଣ୍ଡା ନୀତିକାନ୍ତି କରିଥିଲେ। ଏହି ସମସ୍ତ ପୀଠରେ ଦେବସ୍ନାନ ପୂର୍ଣ୍ଣିମା, ଦୁର୍ଲଭ ଦର୍ଶନ ଲାଗି ଶହଶହ ଭକ୍ତ ଉପସ୍ଥିତ ରହିଥିଲେ ।

# ଅଭିନବ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା



ଅଭିନବ ଶ୍ରୀକ୍ଷେତ୍ର ମୁରସିଂରେ ସ୍ନାନମଣ୍ଡପରେ ତିନି ଠାକୁର ।

ଦେଓଗାଁ,୨୨।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂହ ରେଙ୍ଗାଲପଡାସ୍ଥିତ ଅଭିନବ ଶ୍ରୀକ୍ଷେତ୍ରଠାରେ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଉତ୍ସବ ପୁରୀ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଟାରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ପରେ ଅପରାହ୍ନ ୧ଟାରେ ସ୍ନାନ ଓ ଛେରା ପହଁରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ମହାନ୍ତିଙ୍କ ପରିଚାଳନାରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗଦେଇ ଛେରା ପହଁରା କରିଥିଲେ। ଏ ଅବସରରେ ସମ୍ମାନିତ ଅତିଥି ଭାବେ ଡା. ଶିବବ୍ରତ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ନାୟକ ତଥା ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଗଜାନନ ବେଶକୁ ଦର୍ଶନ କରିଥିଲେ। ରାତି ୧୦ଟାରେ ତିନିଠାକୁରଙ୍କ ଗମ୍ଭୀରା ବିଜେସହ ସ୍ନାନଯାତ୍ରା ସମ୍ପନ୍ନ ହୋଇଥିଲା। ହାତିସରା, କୁତୁର୍ଲା, ଦେଓଗାଁ ଓ ସାରସବାହାଲ ଗାଁର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସ୍ନାନମଣ୍ଡପରେ ତିନି ଠାକୁର



ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋର୍ ଚାରିଟାରେ ଦାରଫିଟା, ଅବକାଶ, ସୂର୍ଯ୍ୟ ପୂଜା,ଦଶଦିଗ ପାଳ ପୂଜା, ଆଳତି ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସୁବାସିତ ଖେଚେଡ଼ି ଭୋଗ ଅର୍ପଣ କରାଯାଇଥିଲା। ପରେ ଚତୁର୍ଦ୍ଧା ବିଗ୍ରହମାନଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ନେଇ ଥିଲେ। ସ୍ନାନ ମଣ୍ଡପ ଅଭିମନ୍ତ୍ରିତ ହୋଇଥିବା ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପୂଜକ ବୈଦ୍ୟନାଥ ମିଶ୍ର, କମଳା ପତି ମିଶ୍ର, ପ୍ରୀତମ ମିଶ୍ର, ବଶିଷ୍ଠ ମିଶ୍ର, ପ୍ରକାଶ ମିଶ୍ର, କଙ୍ଗନ ମୟ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଓଡ଼ିଆ ପାଲିପଞ୍ଚାୟତ ବୁଡିବାହାଲ ଗାଁରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଏହା ପରେ ଅଭିମନ୍ତ୍ରିତ ହୋଇ ଥିବା ଜଳରେ ୧୦୮ କଳସରେ ସୁବାସିତ ଜଳରେ ସାନ କରାଯାଇଥିଲା। ପୂଜକ ସତ୍ୟପ୍ରିୟ ତ୍ରିପାଠୀ, ଯୁବରାଜ ତ୍ରିପାଠୀ କାର୍ଯ୍ୟସମ୍ପାଦନ କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ନକଲି ନିଯୁକ୍ତିପତ୍ର ଦେଇ ଚାକିରି କରିଛନ୍ତି ଶିକ୍ଷୟିତ୍ରୀ

**୩୦ବର୍ଷ ପରେ ମଧ୍ୟ ଟେର ପାଇନାହିଁ ଶିକ୍ଷା ବିଭାଗ**

ମୁରିବାହାଲ,୨୨।୬ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ସାଲେପଡା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ନକଲି ନିଯୁକ୍ତିପତ୍ର ଦେଇ ଚାକିରି କରୁଥିବା ଅଭିଯୋଗ ଆସିଛି। ୩୦ବର୍ଷ ଧରି ଚାକିରୀ କରିବା ଓ ବିଭାଗୀୟ ଅଧିକାରୀ ଏ ଦିଗରେ କୌଣସି ପଦକ୍ଷେପ ନ ନେବା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ସୂଚନା ଅଧିକାର ବଳରେ ମିଳିଥିବା ସୂତ୍ର ଅନୁସାରେ ସେ ୧୯୯୨ ଅଗଷ୍ଟ ୧୦ରେ ଉମରକୋଟ ଡିଆଇ ଚିଠି ନଂ ୨୯୮୯ରେ ୟୁପିଏସ ହଳଦିକଲିଆ ପଡା ଚନ୍ଦାହାଣ୍ଡିରେ ସେ ନିଯୁକ୍ତି ପତ୍ର ପାଇଥିଲେ। ୨୦।୮। ୧୯୯୨ ଭିତରେ କାର୍ଯ୍ୟରେ ଯୋଗଦାନ ନକଲେ ଏହି ନିଯୁକ୍ତିପତ୍ର ରଦ୍ଦ ହୋଇଯିବ ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲେ ହେଁ ୨।୨।୯୪ ରେ ଯୋଗଦାନ କିପରି ହେଲା ତାହା ତଦନ୍ତ ସାପେକ୍ଷ। ପୁନଶ୍ଚ ଜିଲା ବଦଳି ଆଧାରରେ ଟିଟିଲାଗଡ ଡିଆଇ ୫/୧୧/୨୦୦୨ ଚିଠି ନଂ ୫୮ ରେ ମାଲେସିରା ୟୁପି ସ୍କୁଲକୁ ଆସିଥିଲେ ହେଲେ ସେତେବେଳେ କୌଣସିପ୍ରକାର କାଗଜପତ୍ର ଯାଞ୍ଚ କରାଯାଇ ନ ଥିଲା। ଏହି ବିଷୟରେ ବୈଦୃତ ସାହୁ ନାମକ ବ୍ୟକ୍ତି ସୂଚନା ଅଧିକାର ଆଇନରେ ଏବିଇଓଙ୍କୁ ଗତ ୬।୩।୨୪ ରେ ସାରଭିସ ବହି କପି , ଏଚଏସସି ସାଟିଫିକେଟ କପି , ଟ୍ରେନିଂ ପାସ ସାଟିଫିକେଟ କପି , ନିଯୁକ୍ତିପତ୍ର କପି, ଯୋଗଦାନ କପି ମାଗିଥିଲେ ହେଲେ ହେଁ ତାଙ୍କୁ କେବଳ ନିଯୁକ୍ତିପତ୍ର କପି, ଯୋଗଦାନ କପି ଦିଆଯାଇଛି। ଏଥିରେ କିଛି ଅନିୟମିତତା ଥିବା ନେଇ ସାହୁ ଅଭିଯୋଗ କରିଛନ୍ତ। ଅଭିଯୋଗ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। ମୁରିବାହାଲ ବିଇଓ ଶାନ୍ତନୁ କୁମାର ପଢିଆରିଙ୍କୁ ପଚାରିବାରୁ ଉମରକୋଟ ବିଇଓଙ୍କୁ ତଦନ୍ତ ରିପୋର୍ଟ ଦେବାପାଇଁ କହିଛୁ। ରିପୋର୍ଟ ଆସିଲା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଭକ୍ତିମୟ ପରିବେଶରେ ସ୍ନାନପର୍ବ ସମ୍ପନ୍ନ

ଟିଟିଲାଗଡ଼,୨୨।୬(ଶରତ ମିଶ୍ର)

ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁ ଏବଂ ଶ୍ରୀଧବଳେଶ୍ୱର ଟ୍ରଷ୍ଟ ପକ୍ଷରୁ ପରିଚାଳିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସ୍ନାନପର୍ବ ସମ୍ପନ୍ନ ହୋଇଛି। ଏନେଇ ନୀତି ନିର୍ଘଣ୍ଟ ମୁତାବକ ତିନି ଠାକୁରଙ୍କୁ ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନ ସହ ଭକ୍ତଙ୍କ ହରିବୋଲ ହୁଳହୁଳି ନାଦରେ ସେବାୟତ ତିନି ଠାକୁରଙ୍କୁ ପହଣ୍ଡି କରି ସ୍ନାନ ବେଦୀରେ ବିରାଜମାନ କରାଇଥିଲେ। ବିଧି ମୁତାବକ ପୂଜାର୍ଚ୍ଚନା, ଆଳତି ପରେ ୧୦୮ କଳସ ପାଣିରେ ପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଥିଲା। ସ୍ନାନ ପରେ ତିନି ଠାକୁର ଅଣସର ଘରେ ବିରାଜମାନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଟିଟିଲାଗଡ଼ର ନୂତନ ବିଧାୟକ ନବୀନ ଜୈନ ଏବଂ ଉପଜିଲାପାଳ ତଥା ଟ୍ରଷ୍ଟର ଟ୍ରଷ୍ଟି ରେହାନ ଖତ୍ରୀଙ୍କୁ ଟ୍ରଷ୍ଟ ସଦସ୍ୟଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଗୁକୁନି ସାହୁ, ସହାୟକ ଜିଲାପାଳ ସନ୍ଦୀପ ଚନ୍ଦ୍ରାକର, ଭବାନୀ ପ୍ରସାଦ ହୋତା, ତ୍ରିନାଥ ସରାଫ, ସୁବୋଧ ଦାଶ, ସଞ୍ଜୀବ ପାଢ଼ୀ, ପଞ୍ଚାନନ ପାଢ଼ୀ, ସନତ ପାଢ଼ୀ, ଅଶୋକ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ଅଲେଖ ଦଳବେହେରା, ଭୂପତି ବାରିକ, ମନ୍ଦରଧର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଶେଖର ସିହ୍ନା, ବିରଞ୍ଚି ସାହୁ, ଅଶ୍ୱିନୀ ସାହୁ, ନିରାକାର ସାହୁ, ସୁଧୀର ଘଡେଇ, ହରି ବହିଦାର, ଗୋପାଳ କୃଷ୍ଣ ବେହେରା, ଅଶୋକ ଭୋଇ, ଚିନ୍ତାମଣୀ ସାହୁ, ଶ୍ୟାମସୁନ୍ଦର ଶର୍ମା, ନୀତେଶ ଜୈନ ପ୍ରମୁଖ ସେବାୟତ, ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ ।



ସ୍ନାନପର୍ବରେ ସାମିଲ ଶ୍ରଦ୍ଧାଳୁ।

# ଧର୍ମପରାୟଣା ମହିଳାଙ୍କ ପରଲୋକ



ବଲାଙ୍ଗୀର,୨୨।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାତୀଶାଳପଡା ନିବାସୀ ଧର୍ମପରାୟଣା ମହିଳା ମଞ୍ଜୁଳା ବହିଦାର(୬୦)ଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଦେଇ ଗତି କରୁଥିଲେ। ଶନିବାର ଭୋର ତାଙ୍କ ବାସଭବନରେ ତାଙ୍କ ଦେହାନ୍ତ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କ ପୁଅ ଅମର, ବୋହୂ ସଂଘମିତ୍ରା, ନାତୁଣି ଆରାଧ୍ୟା, ମନି, ଝିଅ ତୃପ୍ତି, ଦିପ୍ତି, କଳ୍ପନା ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ପଡାବାସୀ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅମର ମୁଖାଗ୍ନି ଦେଇଥିଲେ ।

# ଗୃହ ନିର୍ମାଣ କାମ ସରୁନି, ପିଲା ହଇରାଣ

**ଲାଠୋର ସେକ୍ଟର ଅଧୀନ ୯ ଅଙ୍ଗନୱାଡ଼ି କେନ୍ଦ୍ର**

ଲାଠୋର,୨୨।୬(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେକ୍ଟର ଅଧୀନରେ ରହିଛି ୯ଟି ଅଙ୍ଗନୱାଡ଼ି କେନ୍ଦ୍ର। ହେଲେ ପ୍ରାୟ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଗୃହ ଅଭାବଜନିତ ସମସ୍ୟା ଦେଇ ଗତି କରୁଛି। ଏହି ସମସ୍ୟା ଦୂର ପାଇଁ କେନ୍ଦ୍ରର ଗୃହ ନିର୍ମାଣ ଚାଲିଛି। ହେଲେ ଦୀର୍ଘଦିନ ବିତି ଯାଇଥିଲେ ବି କାମ ସରି ପାରୁନାହିଁ। ଫଳରେ କାମଚଳା ଭାବେ ପିଲାଙ୍କ ପ୍ରି–କ୍ଲାସ କାହାର ଘର ବାରଣ୍ଡାରେ ତ କେଉଁଠି ଖୋଲା ଆକାଶତଳେ ଚାଲିଛି। ଏବେ ଗ୍ରୀଷ୍ମ ଯାଇ ବର୍ଷାଋତୁ ଆସିଲାଣି। ନିର୍ମାଣ ସରି ନ ଥିବାରୁ ଏବେ ବର୍ଷାଋତୁରେ ଅଙ୍ଗନୱାଡି କେନ୍ଦ୍ର କିଭଳି ଚାଲିବ ତାହାକୁ ନେଇ ଉଠିଛି ପ୍ରଶ୍ନ।

ଭରୁଆମୁଣ୍ଡା ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ୧୦ ବର୍ଷ ହେବ ଚାଲିଛି। ଛାତ ପର୍ଯ୍ୟନ୍ତ କାମ ହୋଇ ଆଉ ଆଗକୁ ବଢୁନାହିଁ। କେନ୍ଦ୍ରରେ ୩୫ ଶିଶୁଙ୍କୁ ନେଇ ଅଙ୍ଗନୱାଡ଼ି କର୍ମୀ ଗ୍ରାମ୍ୟ ବିଦ୍ୟାଳୟରେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଲାଠୋର କେନ୍ଦ୍ର ନଂ. ୫ ଏବଂ ୭ର ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଫଳରେ କେନ୍ଦ୍ର ଅଧୀନରେ ଥିବା ପିଲାଙ୍କ ମଧ୍ୟରୁ ୩୫ ଶିଶୁଙ୍କୁ ନେଇ ଅଙ୍ଗନୱାଡ଼ି କର୍ମୀ ତଳିପଡ଼ା ସ୍କୁଲ ବାରଣ୍ଡାରେ ଓ ୧୨ ଜଣଙ୍କୁ ନୋଡାଲ ସ୍କୁଲର ଏକ କୋଠରିରେ ପ୍ରି–କ୍ଲାସ କରାଉଛନ୍ତି। କରୁଆଁଝର ଗ୍ରାମରେ ରହିଛି ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର। ଉଭୟ କେନ୍ଦ୍ରର ଗୃହ ନାହିଁ। ୧ ନଂ. କେନ୍ଦ୍ରର କର୍ମୀ ଗ୍ରାମରେ ଥିବା ମାଉସୀ ମନ୍ଦିର ବାରଣ୍ଡାରେ ୪୦ ଶିଶୁଙ୍କୁ ନେଇ କାର୍ଯ୍ୟ କରୁଛନ୍ତି। ୨ ନଂ. କେନ୍ଦ୍ର କର୍ମୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ୨୫ ଶିଶୁଙ୍କୁ ନେଇ ପ୍ରି–କ୍ଲାସ ଚଳାଇଛନ୍ତି। ସାନଗୁର୍ଜିଭଟା ଗ୍ରାମରେ ଥିବା ଦୁଇଟି କେନ୍ଦ୍ରର ମଧ ଅନୁରୂପ ଅବସ୍ଥା। ୧ ନଂ. କେନ୍ଦ୍ର ଗୃହ ଛାତ ପର୍ଯ୍ୟନ୍ତ ନିର୍ମାଣ ହୋଇ ପଡ଼ିରହିଛି। ଫଳରେ କର୍ମୀ ୩୦ ଶିଶୁଙ୍କୁ ଖୋଲା ଆକାଶ ତଳେ ପାଠ ପଢ଼ାଉଛନ୍ତି। ସେହିପରି ୨ ନଂ କେନ୍ଦ୍ର କର୍ମୀ କେନ୍ଦ୍ର ଗୃହ ଅଭାବ ହେତୁ ଏକ ପମ୍ପ ହାଉସରେ ୧୦ଜଣ ଶିଶୁଙ୍କୁ ପାଠ ପଢ଼ାଉଛନ୍ତି। ଟଙ୍କପାଣି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଦୁଇ ବର୍ଷ ହେବ ଜମି ଚିହ୍ନଟ ହୋଇଥିଲେ ସୁଦ୍ଧା କାମ ଆରମ୍ଭ ହୋଇନାହିଁ। ଫଳରେ କର୍ମୀ ବିଦ୍ୟାଳୟରେ ଥିବା ସାଧନ କେନ୍ଦ୍ର ଗୃହରେ ୪୦ ଶିଶୁଙ୍କୁ ନେଇ କାମ କରୁଛନ୍ତି। କୋଲପଡ଼ା କେନ୍ଦ୍ର ଗୃହ ନ ଥିବା ହେତୁ କର୍ମୀ ନିଜ ଘର ବାରଣ୍ଡାରେ ୬ ଶିଶୁଙ୍କ ପ୍ରି–କ୍ଲାସ ଓ ଭୋଜନ କାମ କରୁଛନ୍ତି। ଅନ୍ୟାନ୍ୟ ସେକ୍ଟରଗୁଡ଼ିକରେ ମଧ ଏହି ସମସ୍ୟା ରହିଛି।

ଗ୍ରୀଷ୍ମଋତୁରେ କାମ ଚଳି ଯାଉଥିଲା। ଏବେ ବର୍ଷା ଋତୁରେ କାର୍ଯ୍ୟକ୍ରମ କିପରି ପରିଚାଳନା କରାଯିବ ଅଙ୍ଗନୱାଡ଼ି କର୍ମୀ ଏବଂ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ପ୍ରତି ମାସରେ ସେକ୍ଟର ସୁପରଭାଇଜର କେନ୍ଦ୍ର ଗୃହମାନଙ୍କ ସ୍ଥିତି କିପରି ରହିଛି ତାକୁ ଅନୁଧ୍ୟାନ କରି ସମସ୍ତ ତଥ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟରେ ଦାଖଲ କରୁଥିଲେ ସୁଦ୍ଧା ସେ ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କୁହାଯାଉଛି। ସିଡିପିଓ ସୁଜାତା ଦୋରାଙ୍କୁ ପଚାରିଲେ ଆମେ ବିଡିଓଙ୍କୁ କହିଛୁ ବୋଲି କହିଛନ୍ତି । ଏନେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଘଟଣା ବିଷୟରେ କନିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଲାଠୋର ସେକ୍ଟର ଅଞ୍ଚଳ ଅନ୍ତର୍ଗତ ଏକ କେନ୍ଦ୍ରର ପ୍ରି–ସ୍କୁଲ ଜଣଙ୍କ ବାରଣ୍ଡାରେ ଚାଲିଛି।

# ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

## ସୁବର୍ଣ୍ଣପୁରରେ ସଡ଼କ ସୁରକ୍ଷା କମିଟି ବୈଠକ

■ ଆହତଙ୍କୁ ଡାକ୍ତରଖାନା ନେଇଥିବା ୧୪ ସ୍ୱେଚ୍ଛାସେବୀ ସମ୍ମାନିତ

ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଡକ ସୁରକ୍ଷା କମିଟିର ବୈଠକ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଜାନୁଆରୀରୁ ମେ ମଧ୍ୟରେ ଜିଲାରେ ୨୪ଟି ଦୁର୍ଘଟଣା ଘଟିଥିବା ବେଳେ ୨୭ଜଣଙ୍କ ମୃତ୍ୟୁ ହୋଇଥିବା ସେ କହିଥିଲେ। ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ସମ୍ପର୍କରେ ଜେନା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଅତିରିକ୍ତ ଜିଲାପାଳ କହିଥିଲେ, ମଣିଷ ଜୀବନ ବହୁ ମୂଲ୍ୟବାନ। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଦୁର୍ଘଟଣା ଘଟୁଛି। ଅସମୟରେ ଅନେକ ଲୋକଙ୍କ ଜୀବନ ଯାଉଛି। ଏଥିପାଇଁ ସଡକ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଉଚିତ। ଲୋକେ ସଚେତନ ହେଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ସେ ମତ ଦେଇଥିଲେ। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ପୌର ନିର୍ବାହୀ ଅଧିକାରୀ ନିଜେ କିମ୍ବା ତାଙ୍କ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ବୈଠକରେ ଯୋଗ ନ ଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଭୟ ଅଧିକାରୀଙ୍କୁ କୈଫିୟତ ମାଗିବା ପାଇଁ ନିଷ୍ପତ୍ତି ହୋଇଥିଲା। ପଟାଭାଡି ଛକ, ବ୍ଲକ ଛକ, ବୁଢାରଜା ଛକ ଓ ନଳିନୀ ଛକରେ ଅତିଶିଘ୍ର ସିସି କ୍ୟାମେରା ସଂଯୋଗ ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୋନପୁର ଠାରୁ ତରଭା ଛକ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାରୁ ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାରେ ହମ୍ପସ ନିର୍ମାଣ ସହ ସୂଚନା ଫଳକ ଲଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା। ବୁଢାରଜା ଛକରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଜବରଦଖଲ ଯୋଗୁ ରାସ୍ତା ସଙ୍କୁଚିତ ହୋଇପଡିଛି। ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମଦ୍ୟପାନ କରି ଗାଡି ନ ଚଳାଇବା, ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବାହାର ନ କରିବା, ବାଇକ ଆରୋହୀ ହେଲମେଟ୍ ପରିଧାନ କରିବା, ଦୃତ ଗତିରେ ଗାଡି ନ ଚଳାଇବା, କାର ଡ୍ରାଇଭିଂ ଓ ବସିବା ସମୟରେ ସିଟ୍ ବେଲ୍ଟ ପରିଧାନ କରିବା ପାଇଁ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ସଚେତନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ବୈଠକ ଶେଷରେ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିବା ସ୍ୱେଚ୍ଛାସେବୀ କମ୍ବୁପାଣି ସାହୁ, ବିନୋଦ ଘଡିଆ, ସତ୍ୟ ଠେଲା, ଶ୍ରୀକାନ୍ତ ପଣ୍ଡା, ରଜତ କୁମାର ମହାକୁଡ, ତପନ ସାହୁ, ମଦନ କୁମାର ବାରିକ, ମୋହନ ବନଛୋର, ଶରତ କୁମାର ମେହେର, କମଲ ଅଗ୍ରୱାଲ, ଶୁଭମ ପଣ୍ଡା, ରାଜ କୁମାର ମେହେର, ପିତାମ୍ବର ପଧାନ ଓ ଟ୍ରାଫିକ କନେଷ୍ଟବଳ ପ୍ରତିମା ବଗର୍ତ୍ତି ପ୍ରମୁଖ ୧୪ଜଣଙ୍କୁ ସରକାରଙ୍କ ଗୁଡ ସାମରିଟାନ ପଲିସିରେ ୨ହଜାର ଟଙ୍କା ଓ ମାନପତ୍ର ଦେଇ ସମ୍ମାନିତ କରା ଯାଇଥିଲା। ଏମଭିଆଇ ବିଶ୍ୱ ରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଡ଼ିଏସପି ଚନ୍ଦ୍ରଶେଖର ଶବର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଡିଆଇଇପିଆରଓ ଅଶ୍ୱିନୀ କୁମାର ଭୋଇ, ଡ଼ିଆରଏମ ଆଇଆରଏଡ଼ି ଚିତ୍ତରଞ୍ଜନ ପଟ୍ଟନାୟକ, କମିଟି ସଦସ୍ୟ ଅଞ୍ଜଳି ନେଗୀ, ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ କୁମାର ମେହେର, ପୁରୁଷୋତ୍ତମ ପାଣିଗ୍ରାହୀ, ରାଜିବ ପଟ୍ଟନାୟକ ଓ ସମାରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ, ସଡକ ସୁରକ୍ଷା କମିଟିର ସଭ୍ୟା ସଭ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବସ୍ ଓ ଟ୍ରକ୍ ମାଲିକ ସଂଘ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହି ନିଜର ମତ ରଖିଥିଲେ।


ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରାଯାଉଛି।

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ


ବିଧାୟକ ରଘୁନାଥ ଜଗଦଲାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ

ଅମରପାଲି,୨୨।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ସ୍ଥାନୀୟ ମୈତ୍ରୀ ସଦନଠାରେ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଦୁର୍ଯ୍ୟୋଧନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ଜଗଦଲା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଜିଲା ଭାଜପା ଉପଭାନେତ୍ରୀ ନଳିନୀ ପଣ୍ଡା, ସାଧାରଣ ସମ୍ପାଦକ ବେଣୁଧର ଦାସ ମଞ୍ଚସୀନ ଥିଲେ । ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ନବନିର୍ବାଚିତ ବିଧାୟକଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଧାୟକ ଜଗଦଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର, ଆନୁସାଙ୍ଗିକ ବ୍ୟବସ୍ଥା ସହିତ ରୋଗୀ କିପରି ଉଚିତ ଚିକିତ୍ସା ପାଇ ପାରିବେ ତାହା ତାଙ୍କର ମୁଖ୍ୟ ପ୍ରଥମିକତା ରହିବ ବୋଲି କହିଥିଲେ। ଏଥିସହିତ ବିଭିନ୍ନ ସ୍ଥାନରେ ହେଉଥିବା ଦୁର୍ନୀତିକୁ ରୋକ ଲଗାଯିବା ନେଇ ବ୍ୟବସ୍ଥା କରାଯିବ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସଙ୍ଗଠନ ସିୟାର ସମ୍ପାଦକ ସୁଦାମ ଗାଇଗରିଆ ସଂଯୋଜନା କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିନିକାର ହେଲ୍ପ ଟୁ ଅଦର୍ସ, କମିରାର ପରମାନନ୍ଦ ବାଳାଶ୍ରମ, ଉଲୁଣ୍ଡା ଯୁବ ସଙ୍ଗଠନ, ଖଣ୍ଡହତାର ସୀୟ ପରିବାର, ସୋନପୁରର ବୁଢ଼ାରଜା ଯୁବ ସଙ୍ଗଠନ, ବିନିକାର ମହାନଦୀ ଯୁବ ସଙ୍ଗଠନ, ସଂଘ ପରିବାର, ଶିକ୍ଷକ ସମାଜ, ବଡ଼ ଖମାରର ଲାଲବାହାଦୁର ଯୁବକ ସଂଘ ପ୍ରମୁଖ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

ଚାରିପାର୍ଶ୍ୱରେ ବାଡ଼ ଦେବାକୁ ଦାବି



ଅମରପାଲି,୨୨।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣପାଲି ଗ୍ରାମରେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ଦୁଇଟି ଟ୍ରାନ୍ସଫର୍ମର। ଗ୍ରାମର ବିପିଏଲ ହିତାଧିକାରୀଙ୍କ ପାଇଁ ଗୋଟିଏ ଏବଂ ସୌଭାଗ୍ୟ ଯୋଜନା ହିତାଧିକାରୀଙ୍କ ପାଇଁ ଗୋଟିଏ ଲେଖାଏ ଟ୍ରାନ୍ସଫର୍ମର ଅଛି। ଏହି ଦୁଇଟି ଟ୍ରାନ୍ସଫର୍ମର ଏବେ ବିପଦ୍‌ସଙ୍କୁଳ ଅବସ୍ଥାରେ ରହିଛି। ଏହାର ଚାରିପାର୍ଶ୍ୱରେ କୌଣସି ବାଡ଼ ଦିଆଯାଇନାହିଁ। ଏହାସହିତ ଏହା ପାଖରେ ଅନେକ ଅନାବନା ଗଛ ଓ ଘାସ ପରିପୂର୍ଣ୍ଣ ହୋଇଛି। ଯାହାଫଳରେ ଗୋରୁ, ମେଣ୍ଢା, ଛେଳି ଆଦି ଗୃହପାଳିତ ପ୍ରାଣୀ ଘାସ ଖାଇବାକୁ ଯାଉଛନ୍ତି। ଟିକିଏ ଅସାବଧାନ ହେଲେ ସେମାନଙ୍କ ଜୀବନହାନୀର ଆଶଙ୍କା ରହିଛି। ଏହା ସହିତ ଖୋଲାରେ ଏହି ଦୁଇ ଟ୍ରାନ୍ସଫର୍ମର ଥିବାରୁ ଧାନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଏହି ଦୁଇ ଟ୍ରାନ୍ସଫର୍ମର ଚାରିପାଖରେ ବାଡ଼ ଦେବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀଦାବି କରିଛନ୍ତି।

### ନିତ୍ୟ ଯୋଗାଭ୍ୟାସ ମଣିଷକୁ ସୁସ୍ଥ ରଖିଥାଏ

ଅମରପାଲି,୨୨।୬(ପୀତାମ୍ବର ସାହୁ)

ନିତ୍ୟ ଯୋଗାଭ୍ୟାସ ଯୋଗୁ ମଣିଷ ସବୁବେଳେ ସୁସ୍ଥ ରହିଥାଏ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମିନି ଷ୍ଟାଡିୟମରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ଅବସରରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ବୀରମହାରାଜପୁର ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଉପଜିଲାପାଳ ଲଲାଟେନ୍ଦୁ ସି ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଦୀତିକୃଷ୍ଣ ପଣ୍ଡା ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ଼.ପ୍ରଫୁଲ୍ଲ ରଥ, ତହସିଲଦାର ପୁନମ ମହାପାତ୍ର, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ସ୍ୱେଚ୍ଛାସେବୀ ବେଣୁଧର ଦାସ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଯୋଗଦେଇଥିଲେ। ଯୁଗଳ କିଶୋର ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଏବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷ ଶିବିରରେ ଯୋଗଦେଇଥିଲେ।

## ବୁଢ଼ୀକଣ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ବୌଦ୍ଧ, ୨୨।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଧଳପୁର ଗ୍ରାମପଞ୍ଚାୟତର ବୁଢୀକଣ (ଧଳପୁର) ଗ୍ରାମରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଦିନ ମହାସମାରୋହରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ନାମଯଜ୍ଞ ଶନିବାର ଭୋରରୁ ଆରମ୍ଭ ହୋଇଥିଲା। ନାମଯଜ୍ଞରେ ଜିଲା ସମେତ ପଡୋଶୀ ଜିଲାଗୁଡିକର ୧୫ଟି ନାମ ସଂକୀର୍ତ୍ତନ ଦଳ ଆଡେଣୀଗଡ, ଆଠମଲିକର ପଞ୍ଚସଖା ନାମ ଦଳ, ଠାକୁରଗଡର ଅମାସମା, ବୁରୁବୁଡା, ମୁଷାଡ, ଆଠମଲିକ କୁଟେଶ୍ୱର, ରାଣୀଗଞ୍ଜ, ଖଜୁରପଡା, ପତାକା, ବେଲପଦର ଆଦି ନାମ ଦଳ ଭାଗ ନେଇ ନାମ କରିଥିଲେ। ମହିଳା ନାମ ଦଳଙ୍କ ନାମ ଭକ୍ତଙ୍କୁ ଆନନ୍ଦ ଦେଇଥିଲା। ଏହି ନାମସଂକୀର୍ତ୍ତନ ଦେଖିବାକୁ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ରବିବାର ଏହି ନାମଯଜ୍ଞ ପୂର୍ଣ୍ଣାହୁତି ହେବ।

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ବୌଦ୍ଧ,୨୨।୬(ଅଜିତ କୁମାର ବାରିକ)

ଗଡଜାତ ବୌଦ୍ଧର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଶନିବାର ପବିତ୍ର ସ୍ନାନ ପୂର୍ଣ୍ଣିମାରେ ମହାସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ଗଜ ବେଶରେ ଦର୍ଶନ ଦେଇଛନ୍ତି। ବୌଦ୍ଧରେ ରାଜାରାଜୁଡା ଅମଳରୁ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତିରେ ଶ୍ରୀଜଗନ୍ନାଥଙ୍କ ମହାସ୍ନାନ ଉତ୍ସବ ପାଳିତ ହୋଇଆସୁଛି। ଶ୍ରୀଜଗନ୍ନାଥଙ୍କ ମହାସ୍ନାନ ଉତ୍ସବ ଅବସରରେ ବ୍ରାହ୍ମଣ ସମାଜ ଦ୍ୱାରା ସ୍ଥିରୀକୃତ ଅମୃତ ବେଳାରେ ସଂକୀର୍ତ୍ତନର ତାଳେତାଳେ ପ୍ରଥମେ ସୁଦର୍ଶନ ଓ ପରେ ତିନିଠାକୁରଙ୍କୁ ପହଣ୍ଡି ବିଜେ କରାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ମହାନଦୀରୁ ୧୦୮ କଳସୀ ପବିତ୍ର ଜଳରେ ଠାକୁରମାନଙ୍କୁ ମହାସ୍ନାନ କରାଇଥିଲେ । ମହାସ୍ନାନ ସମୟରେ ଶ୍ରୀଅଙ୍ଗରୁ ବୋହି ଆସୁଥିବା ପାଦୁକା ଟିକିଏ ପାଇବା ପାଇଁ ଭକ୍ତମାନଙ୍କ ପ୍ରବଳ ସମାଗମ ହୋଇଥିଲା। ପରେ ପରମ୍ପରା ଅନୁଯାୟୀ ପୂଜା ଓ ମହାଆଳତୀ କରାଯାଇ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଦିନ ତମାମ୍ ଠାକୁରମାନଙ୍କୁ ସ୍ନାନ ମଣ୍ଡପରେ ରଖାଯାଇଥିଲା। ମହାସ୍ନାନ ପରେ ବେଶକାରୀମାନେ ଠାକୁରମାନଙ୍କୁ ମନଲୋଭା ଗଜବେଶରେ ସଜ୍ଜିତ କରିଥିଲେ। କୁହାଯାଏ ତିନିଠାକୁରଙ୍କ ଏହି ଗଜବେଶ ଦର୍ଶନ ଦ୍ୱାରା ଜନ୍ମ ଜନ୍ମାନ୍ତର ପାପ ନାଶ ହୋଇଥାଏ। ତେଣୁ ଦିନସାରା ଗଜ ବେଶ ଦେଖିବାକୁ ଭକ୍ତମାନଙ୍କ ପ୍ରବଳ ଗହଳି ଲାଗି ରହିଥିଲା। ରାତ୍ରୀ ସମୟରେ ତିନିଠାକୁରଙ୍କ ମନ୍ଦିର ପ୍ରବେଶ କରାଯାଇଥିଲା।


ଚତୁର୍ଦ୍ଧା ବିଗ୍ରହଙ୍କ ଗଜାନନ ବେଶ।

# ପାତାଳୀ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା


ସ୍ନାନ ମଣ୍ଡପରେ ଗଜ ବେଶରେ ଚତୁର୍ଦ୍ଧାମୂର୍ତ୍ତି।

ଉଲୁଣ୍ଡା,୨୨।୬ (ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲେଇଠାରେ ଶନିବାର ସ୍ନାନ ଯାତ୍ରା ଓ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ସୂଚୀ ଅନୁସାରେ ଦ୍ୱାରାଫିଟା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସକାଳ ପ୍ରାୟ ୫ଟାରେ ମଙ୍ଗଳ ଆଳତୀ ଓ ଖେଚୁଡ଼ି ଭୋଗ ଲାଗି କରାଯାଇଥିଲା। ସକାଳ ୯ଟାରେ ଶ୍ରୀଜିଉଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଭକ୍ତମାନଙ୍କ ଦ୍ୱାରା ମହାନଦୀରୁ ଅଣାଯାଇଥିବା ୧୦୮ ଗରା ସୁବାସିତ ଜଳରୁ ବଳଭଦ୍ରଙ୍କୁ ୩୩, ଶ୍ରୀଜଗନ୍ନାଥଙ୍କୁ ୩୫, ଦେବୀ ସୁଭଦ୍ରାଙ୍କୁ ୨୨ ଏବଂ ସୁଦର୍ଶନଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ଗଜାନନ ବେଶ କରାଯାଇଥିଲା। ଗୁଣାକର ପଣ୍ଡା ଏବଂ ବିଶେଶ୍ୱର ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଦେବାର୍ଚ୍ଚନ ଦାସ ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଶ୍ରୀରାମ ପଣ୍ଡା, ବଦ୍ରିନାରାୟଣ ଶତପଥୀ ଏବଂ ଆଚାର୍ଯ୍ୟ ନନ୍ଦ ବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ବ୍ରାହ୍ମଣ ସେବାୟତ, ପାଣି ଭରୁଆ, ଟ୍ରଷ୍ଟ ସଦସ୍ୟ ଅଂଶଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ତରଭାରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ସମ୍ପନ୍ନ

ତରଭା,୨୨।୬(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଜଗନ୍ନାଥ ମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ କେଶବ ତ୍ରିପାଠୀଙ୍କ ପୂଜାର୍ଚ୍ଚନା ପରେ ଶ୍ରୀଜୀଉଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ମଣ୍ଡପରେ ପୂଜକ ଗୋପାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ଷୋଡଶ ଉପଚାର କରାଯାଇ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। କର୍ତ୍ତାଭାବେ ରଥଯାତ୍ରା ପରିଚାଳନା କମିଟି ସଭାପତି ରତନଲାଲ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ବିକ୍ରମ ମିଶ୍ର, ଆଶିଷ ମିଶ୍ର, ପ୍ରଦୀପ ପାଣିଗ୍ରାହୀ, ମହେନ୍ଦ୍ର ତ୍ରିପାଠୀ, ଶୁଭମ ମିଶ୍ର, ବିଜୟ ମିଶ୍ର ପ୍ରମୁଖ ପୂଜକ ସ୍ନାନ କାର୍ଯ୍ୟରେ ସହଯୋଗ କରିଥିଲେ ।



# ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

ଅମରପାଲି,୨୨।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରେ ଭୋର ଚାରିଟାରେ ମଙ୍ଗଳ ଆଳତି, ଦ୍ୱାରଫିଟା, ସୂର୍ଯ୍ୟପୂଜା, ମଲମ ପରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ବଳଭଦ୍ରଙ୍କୁ ୩୩ ଗରା, ଶ୍ରୀ ଜଗନ୍ନାଥଙ୍କୁ ୩୫ ଗରା, ସୁଭଦ୍ରାଙ୍କୁ ୨୨ ଗରା ଓ ସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ବିଗ୍ରହ ଅସୁସ୍ଥ ହୋଇ ପଡ଼ିଥିଲେ। ତେଣୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଗୋଟି ପହଣ୍ଡିରେ ଅଣସର ଗୃହକୁ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା ଗଜପତି ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। କର୍ତ୍ତା ଭାବେ ମହେଶ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ମନୋରଞ୍ଜନ ଦାସ ବ୍ରାହ୍ମଣ ସେବାୟତ ଭାବେ ପୂଜାର୍ଚ୍ଚନା କରିଥିଲେ। ପହୁଣ୍ଡି କମିଟି ସଭାପତି ମାଗୁଣି ଦାସ ଓ ମନ୍ଦିର ପରିଚାଳନା କମିଟିର ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗ ଦେଇଥିଲା। ଜଗନ୍ନାଥ ମନ୍ଦିର ପୂଜକ ବିଶାମିତ୍ର ଚାନ୍ଦ, ବିମଳା ମନ୍ଦିର ପୂଜକ ସନତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଉପଖଣ୍ଡର ବହଳପଦର, ଖଇରମାଲ, ଲୁତୁରପଙ୍କ, ବଡବର୍ଡ଼ାକଟା, ଖଣ୍ଡହତା,ସୁବଲୟା, ମୁର୍ଷୁଣ୍ଡି, ମାଣିକପୁର,ଦେଉଳମୁଣ୍ଡା ଆଦି ସ୍ଥାନରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।


ସ୍ନାନ ଯାତ୍ରା ଅବସରରେ ଚତୁର୍ଦ୍ଧା ବିଗ୍ରହ।

# ସୁବର୍ଣ୍ଣପୁରରେ ଦେବସ୍ନାନ ପୂର୍ଣ୍ଣିମା

ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରରେ ଦେବସ୍ନାନ ପୂର୍ଣ୍ଣିମା ରୀତିନୀତି ଅନୁଯାୟୀ ଶନିବାର ପାଳିତ ହୋଇଯାଇଛି। ଗଡଭିତର ବଡ ଜଗନ୍ନାଥ ମନ୍ଦିର, ଘୋଡାଘାଟପଡାର ଦଧୀବାମନ ଜୀଉ ମନ୍ଦିର ଓ ରାୟଗୁରୁପଡା ସ୍ଥିତ ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ମହାପ୍ରଭୁଙ୍କର ସ୍ନାନ ପରମ୍ପରା ପୂଜକ ଓ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ସକାଳ ୫ଟାରେ ମହାପ୍ରଭୁଙ୍କ ସ୍ନାନ କରି ବାଳ ଭୋଗ ହୋଇ ପୂଜା କରାଯାଇଥିଲା। ୧୦ଟାରେ ୧୦୮ ପାଣି ଗରାରେ ମହାସ୍ନାନ କରି ବାଳଭୋଗ, ଅନ୍ନଭୋଗ ଓ ମଙ୍ଗଳ ଆଳତୀ କରି ପୁଷ୍ପାଞ୍ଜଳି ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ସ୍ନାନ ବେଦୀରେ ଦେଖିବାର ସୁଯୋଗ ପାଇଥିଲେ। ସ୍ନାନ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇପଡିଥିଲେ। ରାତିରେ ଚତୁର୍ଦ୍ଧାବିଗ୍ରହ ଅଣସର ବିଜେ କରିଥିଲେ। ମହାପ୍ରଭୁ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଅଣସର ଘରେ ରହିବେ। ୭ତାରିଖରେ ମହାପ୍ରଭୁ ଭକ୍ତଙ୍କୁ ନବଯୌବନ ଦର୍ଶନ ଦେବେ। ଗଡଭିତର ଜଗନ୍ନାଥ ମନ୍ଦିରରେ ମୁଖ୍ୟ ପୂଜକ ରାମଗୋପାଳ ପୂଜାରୀ, ଜୟନାରାୟଣ ମିଶ୍ର, ରାଜା ପୂଜାହାରୀ, ସତ୍ୟନାରାୟଣ ପଣ୍ଡା ଓ ସୁମନ ପୂଜାହାରୀ ନୀତିକାନ୍ତି ଅନୁଯାୟୀ ସ୍ନାନ ପୂଜା କରିଥିଲେ। ସେବାୟତ ବିଭୁରଞ୍ଜନ ବାଲାଜୀ ତରାସିଆ, ରାମଶଙ୍କର ଭୋଇ ଓ ଦେବୋତ୍ତର କମିଟିର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ବୃନ୍ଦାବନ ବିହାରୀ ମନ୍ଦିରରେ ମୁଖ୍ୟ ପୂଜକ ରାଜେନ୍ଦ୍ର କୁମାର ମହାପାତ୍ର, ପିତବାସ ମିଶ୍ର, ମିକୁ ମିଶ୍ର, ବିକନ ମିଶ୍ର, ଶୁଭ୍ରାଂଶୁ ଶେଖର ମିଶ୍ର, ବଂଶୀଧର ପଣ୍ଡା ଓ କୁନା ନାଏକ ପ୍ରମୁଖ ଜଳ ବିଜେ ନୀତି କରିଥିଲେ। ଦଧୀବାମନ ଜୀଉ ମନ୍ଦିରରେ ମୁଖ୍ୟ ପୂଜକ ଦେବେଶ ଚନ୍ଦ୍ର ମିଶ୍ର, ପୂଜକ ସୋମନାଥ ମିଶ୍ର, କଲ୍ୟାଣ ପାଢୀ, ବ୍ରଜ ଗୋପାଳ ପୂଜାହାରୀ ପ୍ରମୁଖ ନୀତିକାନ୍ତି ଅନୁଯାୟୀ ମହାପ୍ରଭୁଙ୍କ ମଙ୍ଗଳଆଳତୀ, ଜଳବିଜେ, ପୂଜା ଓ ସ୍ନାନ ନୀତି ସମ୍ପନ୍ନ କରିଥିଲେ। ଶିବ ନାରାୟଣ ସରାଫ ଓ ପ୍ରଦୀପ ବକ୍ସି ସହଯୋଗ କରିଥିଲେ।


ଗଡ଼ଭିତର ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାବିଗ୍ରହ ସ୍ନାନ ପରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ମାର୍ବଲ ଦୋକାନରେ ଅଗ୍ନିକାଣ୍ଡ

**ବେଦବ୍ୟାସ/ରାଉରକେଲା,୨୨।୬ (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା ଏକ ମାର୍ବଲ ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### ନାବାଳକଙ୍କୁ ସୁରଟ ଚାଲାଣ ଅଭିଯୋଗ

**ବଡ଼ଗାଁ,୨୨।୬(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ ଯାଜପୁର ଗ୍ରାମର ଜଣେ ନାବାଳକଙ୍କୁ ଶଙ୍କରାପୋଷ ଗ୍ରାମର ଜଣେ ବ୍ୟକ୍ତି ଶ୍ରମିକ କାମ କରାଇବା ପାଇଁ ସୁରଟ ନେଇଯାଇଥିବା ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି କାରରେ ଉକ୍ତ ନାବାଳକଙ୍କ ଘରେ ପହଞ୍ଚି ଥିଲେ। ତାଙ୍କୁ ସୁରଟରେ କାମ କରିବାକୁ କହି ନେଇଯାଇଥିଲେ। ଏନେଇ ତାଙ୍କ ବାପା ଜାଣିବା ପରେ ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ।

### ବଳାତ୍କାର ଅଭିଯୁକ୍ତ ଗିରଫ

**ବଡ଼ଗାଁ,୨୨।୬(ଅଶୋକ ଷଡ଼ଙ୍ଗୀ):** ବିବାହର ପ୍ରତିଶ୍ରୁତି ଦେଇ ଉପାନ୍ତ ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପୋଲିସ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏକମା ଗ୍ରାମର ବାଲେଶର ମାଝି। ସୂଚନା ଅନୁଯାୟୀ, ବାଲେଶର ଯୁବତୀଙ୍କୁ ବିବାହାର ପ୍ରତିଶ୍ରୁତି ଦେଇ ଗତ ୫ବର୍ଷ ଧରି ଜୋର ଜବରଦସ୍ତ ବଳାତ୍କାର କରି ଆସୁଥିଲେ।

### ମିଳିଲାନି କ୍ଷତିପୂରଣ: କାମ ବନ୍ଦ କଲେ ଗ୍ରାମବାସୀ

**ବନ୍ଧମୁଣ୍ଡା,୨୨।୬ (ସୁବ୍ରତ ଦେ):** ବନ୍ଧମୁଣ୍ଡାର ଆର କ୍ୟାବିନ ନିକଟରେ ଶନିବାର ରେଳବାଇ ବିଭାଗ ଦ୍ୱାରା ଚତୁର୍ଥ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ବସ୍ତିର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିବା ପାଇଁ ଚିହ୍ନଟ କରାଯାଇଛି। ଏହି ବାବଦରେ ଲୋକଙ୍କୁ କୌଣସି କ୍ଷତିପୂରଣ ନ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କ୍ଷତିପୂରଣ ନ ପାଇବା ପର୍ଯ୍ୟନ୍ତ ସେମାନଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ଦିଆଯିବ ନାହିଁ ବୋଲି ଅଞ୍ଚଳର ମହିଳାମାନେ କହିଛନ୍ତି।

### ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଅଧିକ ସୁଦୃଢ଼ୀକରଣ କର

**ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ):** ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ ଶନିବାର ରାଉରକେଲା ପୋଲିସ ଉପ-ମହାନିରୀକ୍ଷକ (ଡିଆଇଜି) ବ୍ରିଜେଶ କୁମାର ରାୟଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି। ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଅଧିକ ସଦୃଢ଼ୀକରଣ ପାଇଁ ବିଧାୟକ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଥାନାକୁ ନ୍ୟାୟ ଓ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଉଚିତ ବ୍ୟବହାର ପ୍ରଦାନ କରିବା ସହ ତୁରନ୍ତ ଜନ ଅଭିଯୋଗ ଉପରେ ପଦକ୍ଷେପ ନେବାକୁ କହିଥିଲେ। ସାଧାରଣ ଜନତାଙ୍କ ପୋଲିସ ପ୍ରତି ଥିବା ଅତୁଟ ଭରସାକୁ ବଳବତ୍ତର ରଖିବା ଓ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବା ପାଇଁ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିଆଇଜି ଆଇନ ଶୃଙ୍ଖଳା ପରିସ୍ଥିତି ବଳବତର ଓ ସାଧାରଣ ଜନତାଙ୍କ ସୁରକ୍ଷା କ୍ଷେତ୍ରରେ ଯତ୍ନଶୀଳ ସହକାରେ କାର୍ଯ୍ୟ ତୁଲାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତକାରରେ ବିଧାୟକଙ୍କ ସହିତ ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ,ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଜେନା, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ,ବରିଷ୍ଠ ଭାଜପା ନେତା ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ସାମିଲ ଥିଲେ।

# ସୁନ୍ଦରଗଡ଼ରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା


ସୁନ୍ଦରଗଡ


ରାଜଗାଙ୍ଗପୁର


ବଡ଼ଗାଁ

**ସୁନ୍ଦରଗଡ,୨୨।୬(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ପ୍ରଭୁ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନଙ୍କୁ ପହଣ୍ଡି ବିଜେ କରି ସ୍ନାନ ମଣ୍ଡପକୁ ନିଆଯାଇଥିଲା। ଏହା ପରେ ପୂଜାର୍ଚ୍ଚନା ପରେ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ବେଦୀରେ ଶ୍ରଦ୍ଧାଳୁମାନେ ଶ୍ରୀଉଙ୍କ ଦର୍ଶନ କରିଥିଲେ। ସୁନ୍ଦରଗଡ ରାଜା ସମରେନ୍ଦ୍ର ଶେଖରଦେଓ ଛେରା ପହଁରା ସହ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ଦେବଗଡ ରାଜା ରୋହିତ ଗଙ୍ଗଦେବ ଓ ରାଜ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ରାଜ ପୁରୋହିତ ମାନସ ପୁରୋହିତଙ୍କ ଉପସ୍ଥିତିରେ ବିଶଜିତ ପୁଝାରୀ, ଦେବାଶିଷ କବି, ଅମୀତ ପୁଝାରୀ, ସମରେଶ ହୋତା, ଦେବନୀତି ସମାପନ କରି ପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟି ଅବନୀ କାନ୍ତ ପୁରୋହିତ, ବ୍ରାହ୍ମଣ ସମାଜ ସମ୍ପାଦକ ବେଣୁମାଧବ ତ୍ରିପାଠୀ, କୃଷ୍ଣ ଯୋଷୀ, ଚିଣ୍ଟୁ ପୁରୋହିତ, ଦିଲୀପ ପୁରୋହିତ, ରୁଡୁ ରାଜ ପୁରୋହିତ, ତିଳକ ପୁରୋହିତ ତଥା ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

**ବିଶ୍ରା, ୨୨।୬( ବଟକୃଷ୍ଣ ସ୍ୱାଇଁ)** ବିଶ୍ରା ରେଳୱେ ଷ୍ଟେସନ ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ତିନି ଠାକୁର ୧୦୮ ଗରା ସୁବାସିତ ଜଳରେ ସ୍ନାନ କଲାପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଜଗନ୍ନାଥ ମନ୍ଦିର କମିଟିର ରାଜା ସଞ୍ଜୟ ଚାଣ୍ଡକ ଓ ତାଙ୍କ ସ୍ତ୍ରୀଙ୍କ ପୌରହିତରେ ପୂଜାର୍ଚ୍ଚନା କରାଯାଇଥିଲା। ଜଗନ୍ନାଥ କମିଟିର ମୁଖ୍ୟ ପୂଜକ ପର୍ଶୁରାମ ଦାସ ଓ ସହ ପୂଜକ ବିନୋଦ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। କମିଟି ସଭାପତି କୈଳାସ ସାହୁ ଓ ସଧାରଣ ସମ୍ପାଦକ ବଟକୃଷ୍ଣ ସ୍ୱାଇଁ କୋଷାଧ୍ୟକ୍ଷ ଟୁଲୁ ଅଗ୍ରୱାଲ ସମେତ ସୁବାଷ ଶର୍ମା, ସଚିଦାନନ୍ଦ ଶର୍ମା, ସ୍ମୃତି ରଞ୍ଜନ ମହାନ୍ତି, ଚିନ୍ମୟ ପାଣିଗ୍ରାହୀ, ସନ୍ତୋଷ ବେହେରା ସମେତ ସମସ୍ତ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମହା ପ୍ରାସାଦ ବଣ୍ଟନ କରାଯାଇଥିଲା। ଆପରାହ୍ନ ୪ ଟାରେ ତିନି ଠାକୁରଙ୍କୁ ଅଣସର ଘରକୁ ନିଆଯାଇଥିଲା।


ବିଶ୍ରା


କୁଆଁରମୁଣ୍ଡା


ଲହୁଣୀପଡ଼ା

**ଲହୁଣୀପଡା,୨୨।୬(ଦାଶରଥି ପଣ୍ଡା)** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ବାରସୁଆଁ ସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଭୋର ୫ଟାରେ ମଙ୍ଗଳାର୍ପଣ ସହିତ ଧୂପ ଦ୍ୱୀପ ଭୋଗ ଲାଗି କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ୮ଟାରେ ଅନ୍ୟାନ୍ୟ ନୀତିକାନ୍ତି ଯଥା ମଙ୍ଗଳ ଆଳତୀ,ମଇଲମ, ତଡପ ଲାଗି, ରୋଷ ହୋମ, ସୂର୍ଯ୍ୟ ପୂଜା ହୋଇଥିଲା। ଦ୍ୱାରପାଳ ପୂଜା ପରେ ପରମ୍ପରା ଅନୁଯାୟୀ ଛେରା ପହଁରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ସେବାୟତ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଏବଂ ଜଗନ୍ନାଥଙ୍କୁ ଭଜନ କୀର୍ତ୍ତନ କରି ସ୍ନାନ ମଣ୍ଡପକୁ ପହଣ୍ଡି କରି ନେଇଥିଲେ। ସ୍ନାନ ମଣ୍ଡପରେ ୧୦୮ ଗରାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ପରେ ହାତୀବେଶରେ ଶ୍ରଦ୍ଧାଳଙ୍କୁ ଦର୍ଶନ ଦେଇଥିଲେ । ସନ୍ଧ୍ୟା ୮ଟାରେ ବାହୁଡା ପହଣ୍ଡି କରାଯାଇଥିଲା। ସେହିଭଳି ଲହୁଣୀପଡା ବ୍ଲକ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର, ବସଷ୍ଟାଣ୍ଡ ଜଗନ୍ନାଥ ମନ୍ଦିର, ଶରଧାପୁର, ତୁମକଲା, ଗମଲେଇ, କୁଲିପୋଷ, କଲେଇପୋଷର ବିଭିନ୍ନ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

**କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ)** କୁଆଁରମୁଣ୍ଡା ବ୍ଲକର ସର୍ବପୁରାତନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀଜୀଉମାନଙ୍କ ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଛି। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଜୀଉଙ୍କ ଏହି ସ୍ନାନ ଯାତ୍ରା ଦର୍ଶନ କରିଛନ୍ତି।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ )** ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତି ସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପଣ୍ଡିତ ସ୍ୱପ୍ନେଶ୍ୱର ନାୟକ ଓ ପଣ୍ଡିତ ଦିବ୍ୟଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ପାରମ୍ପରିକ ରୀତିନୀତିରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ଦେବସ୍ନାନ କରାଯାଇଥିଲା।

**ରାଜଗାଙ୍ଗପୁର (ଅଶୋକ ପାଣି)** ରାଜଗାଙ୍ଗପୁରରେ ଥିବା କୁମାରକେଲା ଜଗନ୍ନାଥ ମନ୍ଦିର, ଲିପଲୋଇ ଜଗନ୍ନାଥ ମନ୍ଦିର ତଥା ମଧୁସୂଦନ କଲୋନୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ କଲୋନୀରେ ମନ୍ଦିର କମିଟିର ସଦସ୍ୟ ତଥା ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ସହ ବେଦବ୍ୟାସପୀଠ ତ୍ରିବେଣି ଶଙ୍ଗମରୁ ଗରାରେ ଜଳ ଆଣିବା ପରେ ବିଗ୍ରହମାନଙ୍କ ସ୍ନାନ କରାଯାଇଥିଲା। ଜଗନ୍ନାଥଙ୍କ ନିତିକାନ୍ତି ସମ୍ପନ୍ନ ପରେ ହାତୀବେଶ କରାଯାଇଥିଲା। ସେହିପରି ଲିପଲୋଇ ମନ୍ଦିର ଓ କୁମାରକେଲା ମନ୍ଦିରରେ ଦେବସ୍ନାନ କର୍ମ କରିବା ପରେ ବିଗ୍ରହଙ୍କୁ ହାତୀବେଶ କରାଯାଇଥିଲା।

# ଆର୍‌ଏସ୍‌ପିର ଯୋଗ ଦିବସ

**ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସପି ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ସହରବାସୀ ସାମିଲ ହୋଇଥିଲେ। ସେକ୍ଟର-୨୦ ଇନ୍‌ଡୋର ଷ୍ଟାଡିୟମରେ ଯୋଗାଭ୍ୟାସ ହୋଇଥିଲା। ସେହିଭଳି ଆର୍‌ଏସ୍‌ପିର ବିଭିନ୍ନ କମ୍ୟୁନିଟି ସେଣ୍ଟରରେ ବିଭିନ୍ନ ବିଭାଗ ଦ୍ୱାରା ଯୋଗ ଶିବିର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପି କାର୍ଯ୍ୟବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର୍. ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି.କେ. ହୋତା, ଏଚ୍‌ଆର୍‌ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ପ୍ରଭାତୀ ମିଶ୍ର, ନମ୍ରତା ବର୍ମାଙ୍କ ସମେତ ବହୁ ମୁଖ୍ୟ ମହା-ପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଓ ଇସ୍ପାତ ସହରାଞ୍ଚଳର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମାବେଶରେ ସାମିଲ ହୋଇଥିଲେ। ଯୋଗ ଶିବିରରେ ଆର୍‌ଏସ୍‌ପିର କମ୍ୟୁନିଟି ସେଣ୍ଟର ଗୁଡ଼ିକରେ ପରିଚାଳିତ ଯୋଗାଭ୍ୟାସ କେନ୍ଦ୍ରର ନିୟମିତ ଯୋଗାଭ୍ୟାସକାରୀଙ୍କ ସମେତ ବିଭିନ୍ନ ବୟସ ବର୍ଗର ବ୍ୟକ୍ତିମାନେ ଯୋଗଦେଇଥିଲେ। ଆର୍‌ଏସ୍‌ପି ଯୋଗ ସେଣ୍ଟର ତଥା ପାତଞ୍ଜଳି ଯୋଗ ସମିତି ସୁନ୍ଦରଗଡ଼ ସଭାପତି ଯୋଗଗୁରୁ ଅକ୍ରୁର ମାର୍ଥାଙ୍କ ନେତୃତ୍ୱରେ ଏହି ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସିଆର୍‌ଏମ୍ ବିଭାଗର ଏମ୍‌ଓଏମ୍‌ଟି ଅନୀଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ଆର୍‌ଏସ୍‌ପିର ସେଣ୍ଟ୍ରାଲ ଫାୟର ଷ୍ଟେଶନ ବିଭାଗରେ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ୪୦ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ବିଭାଗର ଫାୟାର ଅପରେଟର ଲୋହିତ ମହାନ୍ତ ସମସ୍ତଙ୍କୁ ଯୋଗାସନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ଏକ ସାନ୍ଧ୍ୟକାଳୀନ ଯୋଗ ଅଧିବେଶନ ସେକ୍ଟର-୬ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ହୋଇଥିଲା। ଏଥିସହ ବିଗନର୍ସ ଏକାଡେମୀ ଦ୍ୱାରା ମଧ୍ୟ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ବଲାଣି ଓର୍ ମାଇନ୍ସରେ ମଧ୍ୟ ଏକ ଯୋଗ ଅଧିବେଶନ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ସୁସ୍ମିତା ଦାସଙ୍କ ନେତୃତ୍ୱ କ୍ରମରେ ଅନ୍ୟ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ,ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ତଥା ଶିଳ୍ପାଞ୍ଚଳବାସୀଙ୍କ ସୁସ୍ଥ ଜୀବନ ଧାରଣ ନିମନ୍ତେ ଅନୁପ୍ରେରିତ କରିବା ଲକ୍ଷ୍ୟରେ ଆର୍‌ଏସ୍‌ପି ଦ୍ୱାରା ମୋଟ ୧୫ଟି ଯୋଗାଭ୍ୟାସ କେନ୍ଦ୍ର ପରିଚାଳନା କରାଯାଉଛି। ଇସ୍ପାତ ସହରର ସମସ୍ତ କମ୍ୟୁନିଟି ସେଣ୍ଟରରେ ନିୟମିତଭାବେ କାର୍ଯ୍ୟ କରୁଛି।


ଆର୍‌ଏସ୍‌ପିରେ ଆୟୋଜିତ ଯୋଗ ଶିବିରରେ ଅଂଶଗ୍ରହଣକାରୀ ଯୋଗଧ୍ୟାନ ମୁଦ୍ରା ପ୍ରଶିକ୍ଷଣ ନେଉଛନ୍ତି।

# ଆର୍‌ଜିଏଚ୍‌ରେ ଦୁର୍ନୀତି, ବିଭିନ୍ନ ସମସ୍ୟାର ସମାଧାନ ଦାବି

**ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)**

### ଏଡିଏମ୍‌ଙ୍କ ସହ ବିଧାୟକ ଦୁର୍ଗା ତନ୍ତୀଙ୍କ ଆଲୋଚନା

ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଶୁକ୍ରବାର ଆର୍‌ଜିଏଚ୍ ପରିଦର୍ଶନକରି ରୋଗୀଙ୍କ ସୁବିଧା ଅସୁବିଧା ନେଇ ପଚାରି ବୁଝିଥିଲେ। ପ୍ରଚଣ୍ଡ ଖରାରେ ହସ୍ପିଟାଲରେ ଆବଶ୍ୟକ ମୁତାବକ କୁଲର, ଫ୍ୟାନ୍ ନ ଥିବାରୁ ହନ୍ତସନ୍ତ ହେଉଥିବା ରୋଗୀମାନେ କହିଥିଲେ। ପରେ ତନ୍ତୀ ଆର୍‌ଜିଏଚ୍ ନିର୍ଦ୍ଦେଶକଙ୍କୁ ଭେଟି ଆଉଟସୋର୍ସିଂ ଦାୟିତ୍ୱରେ ଥିବା ପରିଚାଳକଙ୍କ ବିରୋଧରେ ଆସୁଥିବା ବିଭିନ୍ନ ଦୁର୍ନୀତିଗତ ଅଭିଯୋଗ ଉପରେ ଆଲୋଚନା କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ତନ୍ତୀ ଡାକ୍ତର, ନର୍ସିଂ ଷ୍ଟାଫ୍ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ତଥ୍ୟ ମାଗିଥିଲେ। ଉପଯୁକ୍ତ ଡାକ୍ତର ଓ ନର୍ସିଂ ଷ୍ଟାପ୍ ନ ଥିବା ସେ ଜାଣିବାକୁ ପାଇଥିଲେ। ସେଠାରୁ ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଯାଇ ଦୁର୍ନୀତି ବିଷୟରେ ଆଲୋଚନା କରିବା ସହ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକ କହିଥିଲେ। ଏଥିସହ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ହେବା ନେଇ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ବିଧାୟକଙ୍କ ସହ ଭାଜପା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ ମିଶ୍ର, ପଶ୍ଚିମ ମଣ୍ଡଳ ସଭାପତି ସନ୍ତୋଷ ବିରାଟ, ଟିକେଶ୍ୱର ତାଣ୍ଡିଆ, ଅବିନାଶ ସାମଲ ପ୍ରମୁଖ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିଲେ।


ରଘୁନାଥପାଲି ବିଧାୟକ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

# ଏନ୍‌ଟିପିସି ଡୁଲଙ୍ଗାରେ ଯୋଗ ଦିବସ

**ସୁନ୍ଦରଗଡ,୨୨।୬(ଜୟ ନାରାୟଣ ମେଣ୍ଟୁଲି)**

ଏନଟିପିସି ଡୁଲଙ୍ଗା କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ଯୋଗ କର୍ମଶାଳା ଆୟୋଜିତ ହୋଇଥିଲା। ଯୋଗ ଗୁରୁ ପ୍ରଦୀପ ପଟେଲ ଏବଂ ପୂଜା ପଟେଲଙ୍କ ସ୍ୱାଗତ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ସମସ୍ତ କର୍ମଚାରୀ ଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯୋଗ ଗୁରୁମାନେ ବିଭିନ୍ନ ଯୋଗ ସ୍ଥିତିକୁ ପ୍ରଦର୍ଶନ କରିଥିଲେ ଏବଂ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନରେ ସେମାନଙ୍କର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହା ବ୍ୟତୀତ ପ୍ରେରଣା ଲେଡିଜ କ୍ଲବରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରେରଣା ଲେଡିଜ କ୍ଲବର ସଭାପତି କବିତା ସାକ୍ସେନା ମହିଳାମାନଙ୍କୁ ପ୍ରତିଦିନ ଯୋଗ କରିବାକୁ ଉତ୍ସାହିତ କରିଥିଲେ।


କର୍ମଚାରୀମାନେ ଯୋଗ କରୁଛନ୍ତି।

# ହାଣ୍ଡିଶାଳକୁ ମହଙ୍ଗା ମାଡ଼

### କଳାବଜାର ସାଜିଛି ମୁଖ୍ୟ କାରଣ

**ରାଉରକେଲା,୨୨।୬ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ପରିବା ଦର ଆକାଶ ଛୁଆଁ। ବିଭିନ୍ନ ପରିବା ଦାମ କେଜି ପ୍ରତି ୫୦ ଟଙ୍କା ଉପରେ ରହୁଛି। ମସଲା, ଡାଲି, ତେଲ, ଚାଉଳ ଦର ମଧ୍ୟ ମହଙ୍ଗା ହୋଇଛି। ଫଳରେ ଗୃହିଣୀଙ୍କ ଘରଚଳଣା ବଜେଟ ସମ୍ପୂର୍ଣ୍ଣଭାବେ ବିଗିଡ଼ିଯାଇଛି। ସପ୍ତାହେ ତଳେ ସହରର ଖୋଲା ବଜାରରେ ପିଆଜ କିଲୋ ୨୫ ଟଙ୍କା ଥିବା ବେଳେ ବର୍ତ୍ତମାନ ୪୦ ଟଙ୍କାରେ ବିକ୍ରି ହେଉଛି। ଆଳୁ ୩୫,ରସୁଣ ୨୪୦, ଫୁଲକୋବି ୮୦, ପତ୍ରକୋବି ୭୦, କଲରା ୬୦, କଞ୍ଚାକଦଳୀ ୫୦, ପୋଟଳ ୬୦, ଲଙ୍କା ୧୨୦, ବାଇଗଣ ୪୦, ଭେଣ୍ଡି ୪୦, ଟମାଟୋ ୮୦, ଗାଜର ୧୦୦, ବିଟ୍ ୭୦, ଧନିଆଁପତ୍ର ୮୦,କଖାରୁ ୨୦, ସାରୁ ୬୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ହରଡ଼ ବଳେ ବର୍ତ୍ତମାନ ୧୭୦ ରହିଛି। ଅନୁରୂପଭାବେ ମୁଗଡାଲି ୧୨୦, ସୋରିଷତେଲ ୧୨୦ ରହିଛି। ଖୋଲା ବଜାରରେ ଖାଉଟି ଦ୍ରବ୍ୟାଦିର ବ୍ୟାପକ କଳାବଜାର ହେଉଥିବା ଅଭିଯୋଗ ହେଉଛି। ତେଣୁ ଏ ଦିଗରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଳାବଜାର ଉପରେ ଅଙ୍କୁଶ ଲଗାଇବାକୁ ଦାବି ହେଉଛି।

### ସହରାଞ୍ଚଳ ଗୃହିଣୀ ଯାହା କୁହନ୍ତି...


"ସପ୍ତାହେ ହେଲା ରାଉରକେଲା ସହରରେ ଲୁଣରୁ ଆରମ୍ଭକରି ତେଲ ଓ ଶାକାହାରୀ ଖାଦ୍ୟ ଦ୍ରବ୍ୟରୁ ଆରମ୍ଭକରି ଆମିଷ ଯାଏଁ ଦରଦାମ ଆକାଶଛୁଆଁ। ଦୈନିକ ୩ ଶହ ଟଙ୍କା ରୋଜଗାରରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି।
**-ରୀତାରାଣୀ ସାହୁ (ପାନପୋଷ ବାସିନ୍ଦା)**


"ଦରଦାମ ବୃଦ୍ଧି ଯୋଗୁ ପୂର୍ବଭଳି ପରିବା ଓ ରାଶନ ସାମଗ୍ରୀ ଜିନିଷ କିଣିବା ବନ୍ଦ କରିଛୁ। ସପ୍ତାହେ ହେଲାଣି ଡାଲମା ଭାତରେ ୨ ଓଳି ଖାଇବା ସୀମିତ ରଖିବାକୁ ପଡୁଛି।
**-ସୁନୀତା ସାହୁ(ସେକ୍ଟର-୧ ବାସିନ୍ଦା)**


"ପୂର୍ବରୁ ଆମ ରନ୍ଧୁଆଣୀକୁ ସପ୍ତାହରେ ୨୫ଶହ ଟଙ୍କା ଦେଉଥିଲେ ମନ ମୁତାବକ ସପ୍ତାହ ଯାଏଁ ଖାଦ୍ୟ ତିଆରି କରୁଥିଲା। ବର୍ତ୍ତମାନ ୫ହଜାର ଟଙ୍କା ସପ୍ତାହରେ ଦେଲେ ସୁଦ୍ଧା ତାହା ହେଉନାହିଁ।
**-ରାଜଲକ୍ଷ୍ମୀ ପାତ୍ର (କଳିଙ୍ଗ ବିହାର ଛେଣ୍ଡ ବାସିନ୍ଦା)**

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଝାରସୁଗୁଡ଼ା,୨୨।୬(ସଞ୍ଜୟ ମାଲି)




ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରାକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ ପୂର୍ବକ ବିପଦ ଶଙ୍କୁଳ ସ୍ଥାନର ଅନୁଧ୍ୟାନ ଓ ତତ୍ସମ୍ପର୍କିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବରଗଡ଼ ଏମ୍ପି ପ୍ରଦୀପ ପୁରୋହିତ ବୈଠକରେ ଯୋଗଦେଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନ ଜୀବନର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ପରାମର୍ଶ ଦେବା ସହ ଲୋକାଭିମୁଖୀ ଯୋଜନା ସମୂହର ସୁଫଳ ସମାଜର ତଳସ୍ତରରେ ପହଞ୍ଚାଇବା ପାଇଁ ଜନ ପ୍ରତିନିଧି, ସରକାରୀ କର୍ମଚାରୀଙ୍କ ମିଳିତ ଦାୟିତ୍ୱ ରହିଛି ବୋଲି କହିଥିଲେ। ଝାରସୁଗୁଡ଼ାକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବାକୁ ଏମ୍ପି ପୁରୋହିତ ଆହ୍ୱାନ ଦେଇଛନ୍ତି। ବୈଠକରେ ଯୋଗଦେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୋଜନାଗୁ ଶେଷ କରିବା ଓ ଲୋକମାନଙ୍କୁ ସେବା ଯୋଗାଇ ଦେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସମସ୍ତ ବ୍ଲକ ଓ ପୌରପାଳିକାର ବିଭିନ୍ନ ଅଞ୍ଚଳରେ ନଦୀ ଜଳ ପ୍ରବେଶ କରୁଥିବା ସ୍ଥାନଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରକ୍ଷା କରିବା, ପ୍ରାକ ପ୍ରସ୍ତୁତି ପୂର୍ବକ ବାଲି ବସ୍ତା ଓ ସିମେଣ୍ଟ ବସ୍ତା ମହଜୁଦ ରଖିବା, ବିଦ୍ୟାଳୟରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରିବା, ଚୂଡ଼ା ଚାଉଳ ଓ ଆବଶ୍ୟକି ଔଷଧାଦି ଗଚ୍ଛିତ ରଖିବା, ପାନୀୟ ଜଳ ବ୍ୟବସ୍ଥା, ନଳକୂପ ବିଶୋଧନ, ପୋରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା, ଗୃହପାଳିତ ପଶୁଙ୍କ ସକାଶେ ଖାଦ୍ୟ ଓ ଔଷଧ, ଉଦ୍ଧାର କାର୍ଯ୍ୟ ପାଇଁ ରିଲିଫ ଦଳ ଗଠନ ଓ ସେମାନଙ୍କୁ ପ୍ରଶିକ୍ଷଣ, ପାୱାର ବୋଟ ପ୍ରସ୍ତୁତ ରଖିବା, ବିଭିନ୍ନ ସାମାଜିକ ସଙ୍ଗଠନ ସହ ଯୋଗାଯୋଗ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଲୋଚନା କରାଯାଇଥିଲା। ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ସାଧାରଣ ବ୍ରଜବନ୍ଧୁ ଭୋଇ, ଜିଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ ଡି ପି ଓ ସୁଶାନ୍ତ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପାଳିକା ନିର୍ବାହୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରକୁ ନାକ୍ ଟିମ୍‌ର ପରିଦର୍ଶନ

ସମ୍ବଲପୁର,୨୨।୬(ଭବାନୀ ଶଙ୍କର ଭୋଇ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରକୁ ନାକ ଟିମ ପରିଦର୍ଶନ କରିଛନ୍ତି। ଗତ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରହି ପ୍ରଫେସର ସୁଧୀର ଗର୍ଭାନେଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ପହଞ୍ଚି ବିଶ୍ୱବିଦ୍ୟାଳୟର ସ୍ଥାୟୀ ପରିସର ପରିଦର୍ଶନ କରିଛନ୍ତି। ଏହା ସହିତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର, କୁଳସଚିବ ଡ଼. ଚିତ୍ତରଞ୍ଜନ ସାହୁଙ୍କ ସହ ଏବଂ ବିତ୍ତ ନିୟନ୍ତ୍ରକ ନଳିନୀରଞ୍ଜନ ଷଡ଼ଙ୍ଗୀ ସହ ବିଭିନ୍ନ ବିଷୟରେ ଆଲୋଚନା କରି ବିଶ୍ୱ ବିଦ୍ୟାଳୟର ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ନାକଟିମ ବିଶ୍ୱବିଦ୍ୟାଳୟର ପରିଚାଳନା ପରିଷଦ, ସିଆଇକ୍ୟୁଏ, ଏକାଡ଼େମିକ କାଉନ୍ସିଲ, ଫାଇନାନ୍ସ କମିଟି, ପ୍ଲାନିଙ୍ଗ ବୋର୍ଡ଼, ବିଦ୍ୟାର୍ଥୀ, ଆଲୁମିନି ଆସୋସିଏଶନ୍, ପ୍ୟାରେଣ୍ଟ, ଶୈକ୍ଷିକ କର୍ମଚାରୀ, ଅଣ-–ଶୈକ୍ଷିକ କର୍ମଚାରୀଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି । ଏହା ସହ ବିଶ୍ୱବିଦ୍ୟାଳୟର ଶିକ୍ଷା କେନ୍ଦ୍ର, ଆଞ୍ଚଳିକ କେନ୍ଦ୍ର, ବିଭିନ୍ନ ବିଭାଗ, ଲାଇବ୍ରେରି ପରିଦର୍ଶନ କରି ବିଭିନ୍ନ ଆବଶ୍ୟକତାକୁ ନେଇ ପରାମର୍ଶ ଦେଇଥିବା ଜଣାପଡିଛି। ନାକ ଟିମର ଅଧ୍ୟକ୍ଷଙ୍କ ସମେତ ବିଭିନ୍ନ ରାଜ୍ୟ ବିଶ୍ୱବିଦ୍ୟାଳୟର ପାଞ୍ଚଜଣ ପ୍ରଫେସର ସଦସ୍ୟ ଭାବେ ସାମିଲ ରହିଥିଲେ। ପ୍ରଫେସର ଅମିତ ଗୌତମ ଟିମ୍‌ର ସଂଯୋଜକ ରହିଥିବା ବେଳେ ପ୍ରଫେସର ଜୟରାମ ଭଟ୍ଟ, ପ୍ରଫେସର ସୂର୍ଯ୍ୟନାରାୟଣ, ପ୍ରଫେସର ଏନ.ସୁବ୍ରମଣ୍ୟମ, ପ୍ରଫେସର ଏଏଲ ଏମ ସେଟର ସାମିଲ ରହିଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ପରେ ନାକ୍ ଟିମର ଅଧ୍ୟକ୍ଷ ପ୍ରଫେସର ସୁଧୀର ଗର୍ଭହାନେ ତାଙ୍କ ଟିମ୍ ଦ୍ୱାରା ପ୍ରସ୍ତୁତ ନାକ୍ ଭିଜିଟ୍ ରିପୋର୍ଟ ମାନ୍ୟବର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟଯେ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପୂର୍ବରୁ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସରରେ ଏକ କୋଠାରେ ପରିଚାଳିତ ହେଉଥିବାବେଳେ ନିଜସ୍ୱ କୋଠାର ଅଭାବ ସହ କର୍ମଚାରୀ ଏବଂ ଅଧ୍ୟାପକଙ୍କ ଅଭାବ ଯୋଗୁଁ ସ୍ନାତ୍ତୋକୋତର ପାଠ୍ୟକ୍ରମରେ ନାମଲେଖା ବନ୍ଦ ହୋଇଯାଇଥିଲା। ଏହା ବାଦ ଯୁଦ୍ଧକାଳୀନ ଭିତ୍ତିରେ ବିଶ୍ୱ ବିଦ୍ୟାଳୟକୁ ସ୍ଥାୟୀ କ୍ୟାମ୍ପସକୁ ସ୍ଥାନାନ୍ତର କରାଯିବା ସହ ବିଭିନ୍ନ ପଦବୀ ପୂରଣ କରାଯାଇଥିଲା। ଏହାବାଦ ନାକ ଟିମ୍ ପରିଦର୍ଶନ କରି ଯିବା ପରେ ପୁଣିଥରେ ସ୍ନାତ୍ତୋକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବା ନେଇ ଆଶା ସଞ୍ଚାର ହୋଇଛି । କମ ସମୟ ମଧ୍ୟରେ ବିଶ୍ୱ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ବିକାଶ ସହ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରିବା ନେଇ ନାକ ଟିମ୍ ପ୍ରଶଂସା କରିଥିବା ବେଳେ ବିଭିନ୍ନ ଆବଶ୍ୟକତା ଗୁଡିକ ପୁରଣ ନେଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଟିମ ପରିଦର୍ଶନ ପରେ ନାକ ମାନ୍ୟତା ମିଳିବା ନେଇ କର୍ତ୍ତୃପକ୍ଷ ଆଶାବାଦୀ ରହିଥିବା ଜଣାପଡିଛି।

# ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାର ନିନ୍ଦା

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଓ କର୍ମକର୍ତ୍ତାମାନେ।

ଏନ୍‌ଇଇଟି ଓ ଏନ୍‌ଇଟି ପରୀକ୍ଷା ବିଭ୍ରାଟ୍ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି ସମ୍ବଲପୁର ଜିଲା କଂଗ୍ରେସ କମିଟି। ଏହାସହ ଶୁକ୍ରବାର କେତେକ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଦ୍ୱାରା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ହୋଇଥିବା କାଳିମାଡ଼ ଘଟଣାକୁ ମଧ୍ୟ ଦଳ ପକ୍ଷରୁ ନିନ୍ଦା କରାଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଜୟଶଙ୍କର ମିଶ୍ର ଉକ୍ତ ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ପଶ୍ନପତ୍ର ପ୍ରଘଟ ଜନିତ ଏନ୍‌ଇଇଟି ଓ ଏନ୍‌ଇଟି ପରୀକ୍ଷା ବିଭ୍ରାଟ୍ ପାଇଁ ଦାୟି କେନ୍ଦ୍ର ଭାଜପା ସରକାରଙ୍କ ବିରୋଧରେ ଭୁବନେଶ୍ୱରରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପିସିସି ସଭାପତି ପଟ୍ଟନାୟକଙ୍କ ପ୍ରକୋଷ୍ଠକୁ ପ୍ରବେଶ କରି ମୁଖାପିନ୍ଧା ଯୁବକମାନେ କାଳିମାଡ଼ କରିଥିଲେ। କାଳି ତାଙ୍କ ଆଖିରେ ପଡ଼ିଥିବାରୁ ଏହା ଏକ ହିଂସାତ୍ମକ କାର୍ଯ୍ୟକଳାପ ଓ ଆନ୍ଦୋଳନ ପାଇଁ ଗଲାବେଳେ ଏହି ଘଟଣା ଘଟିଥିବାରୁ ଏଥିରେ ଭାଜପାର ହାତ ଥିବା ସନ୍ଦେହ କରାଯାଉଛି ବୋଲି ମିଶ୍ର କହିଥିଲେ। ଯଥାଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ମିଶ୍ର। ଏହାସହ ପ୍ରଶ୍ନ ପତ୍ର ପ୍ରଘଟ କେନ୍ଦ୍ର ଶିକ୍ଷା ବିଭାଗର ଅପାରଗତାକୁ ପଦାରେ ପକାଇଛି। ଖବରଦାତା ସମ୍ମିଳନୀରେ ଅମିତ ଗୁରୁ, ଗିରିଜା ନାଏକ, ଶିବ ପ୍ରଧାନ, ରଞ୍ଜିତ ମିଶ୍ର, ମହମ୍ମଦ ଜୁବେର, ତ୍ରିଲୋଚନ ମହାନନ୍ଦ, ଅମରେନ୍ଦ୍ର ରାୟଗୁରୁ, ଅଭିରାମ ପଟେଲ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକ ଗୁରୁତର: ୫ ଗିରଫ

## ଜନ୍ତୁ ଶିକାର ପାଇଁ ବିଛଯାଇଥିଲା

ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବନାଞ୍ଚଳ ବଳମର ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବ୍ରାହ୍ମଣିମାକ୍ଷ ଗ୍ରାମ ନିକଟ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଗୁରୁତର ଯୁବକ ବୁଟିଆଡିହି ଗ୍ରାମର ଉପେନ୍ଦ୍ର ରାଜହଂସ। ଏହି ଘଟଣାରେ ବନ ବିଭାଗ ବ୍ରାହ୍ମଣୀମାଳ ଗ୍ରାମର ଧନେଶ୍ୱର ମହାକୁଳ, ଜୁଲାଇ ସିଂ ଗୁନ୍ଧୁଆ, ବାପୁନ ସିଂ ଗୁନ୍ଧୁଆ, ସାଧୁ ଚରଣ ବଦ୍ରା ଓ ସୁରେନ୍ଦ୍ର ଭଦ୍ରାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବ୍ୟବହୃତ ୮ କିଲୋଗ୍ରାମ ଓଜନର ଜିଆଇ ତାର ଜବତ କରିଛି। ଘଟଣା ସମ୍ପର୍କରେ ଗିରଫଙ୍କୁ ଅଧିକ ପଚରାଉଚରା ଚାଲିଥିବା ବେଳେ ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଗୁରୁବାର ବିଳମ୍ବିତ ରାତିରେ ଉପେନ୍ଦ୍ର ଏକ ଶଗଡ ଗାଡି ସହ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କ ହାତ ଓ ଗୋଡ ସମେତ ଶରୀରର ବିଭିନ୍ନ ଅଂଶ ପୋଡିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସହିତ ଥିବା ଅନ୍ୟ କେତେକ ବ୍ୟକ୍ତି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଦେବଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଐତିହ୍ୟସମ୍ପନ୍ନ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି ଶ୍ରୀଜିଉଙ୍କ ସ୍ନାନଯାତ୍ରା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଶନିବାର ସକାଳୁ ନୀତିକାନ୍ତି ଅନୁଯାୟୀ ମହାପ୍ରଭୁଙ୍କ ମଙ୍ଗଳାର୍ପଣ ନୀତି କରାଯାଇ ଧାଡି ପହଣ୍ଡିରେ ବିଗ୍ରହଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପରେ ମଙ୍ଗଳ ଆଳତି ଓ ପାରମ୍ପରୀକ ପୂଜାର୍ଚ୍ଚନା ପରେ ଠାକୁରଙ୍କ ସ୍ନାନନୀତି ଆରମ୍ଭ ସହ ସୁବାସିତ ଜଳରେ ବିଧି ଅନୁଯାୟୀ ମହାପ୍ରଭୁଙ୍କଠାରେ ଜଳଲାଗି କରାଯାଇଥିଲା। ଠାକୁରଙ୍କ ସ୍ନାନଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଗଜାନନ ବେଷରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରେ ଚାରି ବିଗ୍ରହଙ୍କୁ ପହଣ୍ଡିରେ ନିଆଯାଇ ଅଣସର ଘରେ ପ୍ରବେଶ କରାଯିବ। ଅନୁଷ୍ଠିତ ସ୍ନାନଯାତ୍ରା ପ୍ରଣୟ କୁମାର ପୁରୋହିତଙ୍କ ତତ୍ତ୍ୱାବଧାନରେ ବଡ଼ପଣ୍ଡା ସନ୍ତୋଷ ନାୟକ, ଅର୍ଜୁନ ଆଚାର୍ଯ୍ୟ ଓ ରମେଶ ପାଢ଼ୀ ଠାକୁରଙ୍କ ରୀତିନୀତି ଅନୁଯାୟୀ ସ୍ନାନ କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବାୟତ ଜତୀନ୍ଦ୍ର ଶତପଥୀ, ରୁଦ୍ର ନାରାୟଣ ନାୟକ, ଦେବାଶିଷ ନନ୍ଦ, ପବିତ୍ର ସାହୁ, ବନମାଳୀ ସାହୁ, ରମେଶ ଭୋଇ, ପ୍ରହଲ୍ଲାଦ ସାହୁଙ୍କ ସହିତ ବହୁ ପଣ୍ଡା ଓ ସୁଆରମାନେ ଠାକୁରଙ୍କ ସ୍ନାନ ସେବା କାର୍ଯ୍ୟ କରିଥିଲେ। ସେହିପରି ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ମଧ୍ୟ ଠାକୁରଙ୍କ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ପୂଜକ ପୁରୁଷୋତ୍ତମ ଦାଶ, ରାଜେଶ ରାଉତ ଓ ସଞ୍ଜୀବ ଧର ପୂଜା କାର୍ଯ୍ୟ ତୁଲାଇବା ସହ ବହୁ ଭକ୍ତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରିଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା

ଝାରସୁଗୁଡ଼ା,୨୨।୬(ସଞ୍ଜୟ ମାଲି)



ଝାରସୁଗୁଡ଼ା ସର୍କିଟ ହାଉସଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ଆବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଆଇଏଏସ ପ୍ରବେଶନର ସର୍ବାନନ ସି. ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀ ଲୋକମାନଙ୍କ ସମସ୍ୟାକୁ ଠିକ ଭାବେ ଶୁଣିବା ଓ ସେ ସବୁର ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ହୀରାକୁଦ ବାସଚ୍ୟୁତ ଲୋକମାନଙ୍କୁ ପଟ୍ଟା ପ୍ରଦାନ ସହ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ଜମି ଦଖଲ ଦିଆଯିବା, ତହସିଲରୁ ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଭିନ୍ନ ସାର୍ଟିଫିକେଟ ପ୍ରଦାନ, ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା, ସାଧାରଣ ଲୋକଙ୍କ ଅବଗତି ସକାଶେ ପ୍ରକଳ୍ପ ଆରମ୍ଭ, ଶେଷ ଓ ପ୍ରକଳ୍ପ ଖର୍ଚ୍ଚ ଅଟକଳ ସମ୍ପର୍କିତ ସୂଚନା ଫଳକ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟରେ ଗୁଣାତ୍ମକ ମାନ ବଜାୟ ରଖିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

# ବିଭିନ୍ନ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ଝାରସୁଗୁଡ଼ା,୨୨।୬(ସଞ୍ଜୟ ମାଲି)



ଝାରସୁଗୁଡ଼ା ସହରସ୍ଥିତ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶନିବାର ପବିତ୍ର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଜିଲାର ହିମା ପଞ୍ଚାୟତସ୍ଥିତ କୁକୁର୍ଯ୍ୟଙ୍ଗା ଗ୍ରାମସ୍ଥିତ ଶ୍ରୀ ପତିତ ପାବନ ଶ୍ରୀକ୍ଷେତ୍ର, ସହରର ପୁରୁଣା ବସ୍ତି ବାବୁ ପଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ତଥା ମାରୱାଡ଼ି ପଡ଼ାସ୍ଥିତ ଜଗନ୍ନାଥ ମନ୍ଦିରରେ ଆନୁଷ୍ଠାନିକ ଭାବେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳନ ହୋଇଯାଇଛି। ସମସ୍ତ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଅପରାହ୍ନ ୨ ଟାରେ ପ୍ରଭୁ ଜଗନ୍ନାଥଙ୍କ ସମସ୍ତ ରୀତିନୀତି ସମାପ୍ତ ହୋଇ ମହାପ୍ରସାଦ ବଣ୍ଟନ ହୋଇଥିଲା। କାଳିଆଙ୍କ ଦର୍ଶନ କରିବା ତଥା ମହାପ୍ରସାଦ ସେବନ କରିବା ପାଇଁ ସହରର ଆଖପାଖ ଅଞ୍ଚଳରୁ ଭକ୍ତମାନଙ୍କ ଜନ ସମାବେଶ ଦେଖିବାକୁ ମିଳିଥିଲା ଏବଂ ଭକ୍ତମାନେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ।

# ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ୧୦ ନମ୍ବର ୱାର୍ଡ ତେନ୍ତୁଳି ସାହି ମୁଣ୍ଡାରାଜ କ୍ଲବ ଆନୁକୂଲ୍ୟରେ ମୁକୁନ୍ଦ ମ.ଇ. ବିଦ୍ୟାଳୟ ଖେଳ ପଡିଆଠାରେ ଶନିବାର ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଆୟୋଜକ ମୁଣ୍ଡାରାଜ କ୍ଲବ ସଭାପତି ପିଣ୍ଟୁ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ଯୋଗଦେଇ ଫିତା କାଟିବା ସହ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ ପୂର୍ବକ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ସାଗର ହେନେଜ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ମ୍ୟାଚ ରାଧାମାଧବ କ୍ଲବ ଓ ସୁମିତ ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ମ୍ୟାଚ ଅମ୍ପାୟର ଭାବେ ଅକାଶ ପାତ୍ର ଓ ଅଜୟ କୁଲ୍ଲା ପରିଚାଳନା କରିଥିଲେ।

# ଗରମ ପେଯରେ ପଡ଼ି ଶିଶୁ ଗୁରୁତର

ଦେବଗଡ଼,୨୨।୬(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଅନ୍ତର୍ଗତ ଅଶୁରଖୋଳ ଗ୍ରାମରେ ଗରମ ପେଯରେ ପୋଡି ଜଣେ ଅଢେଇ ବର୍ଷର ଶିଶୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଆ ଅଶୁରଖୋଳ ଗ୍ରାମର ଦୁଃଶାସନ ଗୋଚ୍ଛାୟତଙ୍କ ସ୍ତ୍ରୀ ସସ୍ମିତା ଗୋଚ୍ଛାୟତ ରୋଷେଇ ସାରି ଭାତ ଗାଳିବା ପରେ ଗରମ ପେଜ କଡେଇକୁ ଚୁଲି ମୁଣ୍ଡରେ ରଖି ଅନ୍ୟ କାମରେ ବ୍ୟସ୍ତ ରହିଥିଲେ। ଏହି ସମୟରେ ଘରେ ଖେଳୁଥିବା ଅଢେଇ ବର୍ଷର ଶିଶୁ ପୁତ୍ର ଶୁଭଙ୍କର ଗରମ ପେଜ ଥିବା କଡେଇଟିକୁ ଧରି ଢଳେଇ ଦେଇଥିଲା। ଫଳରେ ଗରମ ପେଜ ସବୁ ଛିଟିକି ପଡି ଶୁଭଙ୍କର ପେଟ, ପିଠି, ଛାତି ଓ ପଛପାଖ ପୋଡି ପୋଟକା ହୋଇଯିବା ସହ ତାଙ୍କର ଅବସ୍ଥା ଗୁରୁତର ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ସେଠାରେ ଚିକିତ୍ସାଧୀନ ରହିଥିବା ଜଣାପଡିଛି।

# ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ରହିଛି



ଏମସିଏଲରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ଅଧିକାରୀ ଓ ଅନ୍ୟମାନେ।



ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଯୋଗ ଶିବିରରେ ଅତିଥି ଓ ଅନ୍ୟମାନେ।

ସମ୍ବଲପୁର,୨୨।୬(ପ୍ରମୋଦ ବହିଦାର)



ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍‌ରେ ଆୟୋଜିତ ଯୋଗ ଶିବିର।

ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ରହିଛି। ସମ୍ବଲପୁର ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି।

**ନେହେରୁ ଯୁବକେନ୍ଦ୍ର:** ମାଝିପାଲିସ୍ଥିତ ହୋମିଓପାଥିକ ମହାବିଦ୍ୟାଳୟରେ ଆୟୋଜିତ କେନ୍ଦ୍ରରେ ନେହେରୁ ଯୁବ କେନ୍ଦ୍ର ଜିଲା ଅଧିକାରୀ ମାରିଆନୁସ ବିଲୁଙ୍ଗ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ହୋମିଓପାଥିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଦିପ୍ତିକାନ୍ତ ସିଂ, ସମ୍ମାନିତ ଅତିଥିଭାବେ ଦାଦାରୁଦ୍ର ଆଚାର୍ଯ୍ୟ ଯୋଗଦେଇ ଯୋଗର ମହତ୍ତ୍ୱ ଉପରେ କହିଥିଲେ। ଏଥିରେ କଲେଜ ଛାତ୍ରୀଛାତ୍ରଙ୍କ ସହିତ ସମସ୍ତ କର୍ମଚାରୀ ଓ ଅଧ୍ୟାପିକା, ଅଧ୍ୟାପକ ଯୋଗାଭ୍ୟାସ କରିଥିଲେ। ଶିବିରକୁ ମମତା ପ୍ରଧାନ ପରିଚାଳନା କରିଥିଲେ।

**ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏସଲ୍:** ସମ୍ବଲପୁର ୱାର୍କ୍ସ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍‌ରେ ଆୟୋଜିତ ଯୋଗ ଶିବରକୁ ଉଦ୍‌ଘାଟନ କରିଥିଲେ ସଭାପତି ଅନୀଲ କୁମାର ସିଂ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଯୋଗ ଏକ ପ୍ରାଚୀନ ଅଭ୍ୟାସ। ନିୟମିତ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ଉପକାର ମିଳିଥାଏ। ଶିବିରରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରକାର ପ୍ରାଣାୟମା ଓ ଆସନର ଅଭ୍ୟାସ କରିଥିଲେ।

**ଏମ୍‌ସିଏଲ୍:** ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମୁଖ୍ୟାଳୟ ତଥା ସମସ୍ତ ଆଞ୍ଚଳିକସ୍ତରରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଏମସିଏଲ୍ ଭୁବନେଶ୍ୱରରେ ଆୟୋଜିତ ଯୋଗ ଶିବିରରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ଏମ୍‌ସିଏଲ୍ ବିତ୍ତ ନିର୍ଦ୍ଦେଶକ ଏ. କେ ବେହୁରା ଅଂଶଗ୍ରହଣ କରିଥିଲେ। ସେହିପରି ଏମସିଏଲ ମୁଖ୍ୟାଳୟ ସମ୍ବଲପୁର ଜାଗୃତି ବିହାରରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ଓ କାର୍ଯ୍ୟ ସମ୍ପାଦନ ନିର୍ଦ୍ଦେଶକ ଯୁଗୋଳ କୁମାର ବୋରା ଓ କର୍ମଚାରୀମାନେ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

